
ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 52 | 24 - 30 December 2023 | Sambalpur | Page- 8 | Invitation Price Rs.10

## ବିଶ୍ୱର ସର୍ବବୃହତ୍ ଧାନକେନ୍ଦ୍ର 'ସ୍ୱର୍ବେଦ' ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

ବାରାଣସୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣସୀ ଉମରାହା ଅଞ୍ଚଳରେ ଅବସ୍ଥିତ ଏକ ଭବ୍ୟ ସାତ ମହଲାବିଶିଷ୍ଟ ସ୍ୱର୍ବେଦ ମହାମନ୍ଦିରକୁ ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନ ପରେ ସେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଭିତର ବୁଲି ଦେଖିଥିଲେ । ଏହାପରେ ପ୍ରଧାନମନ୍ତ୍ରୀ ବିହଙ୍ଗମ ଯୋଗର ଶତବାର୍ଷିକୀ ଉତ୍ସବରେ ଅଂଶଗ୍ରହଣ କରିଥିଲେ । ୨୦୨୧ ଡିସେମ୍ବର ପରେ ଏହା ତାଙ୍କର ଦ୍ୱିତୀୟ ଗସ୍ତ ଥିଲା । ଉନବିଂଶ ଶତାବ୍ଦୀର ଆଧାତ୍ମିକ ଗୁରୁ, ରହସ୍ୟମୟ କବି ତଥା ସାଧୁ ସଦଗୁରୁ ସଦାଫଲ ଦେଓଜୀ ମହାରାଜଙ୍କ ଦ୍ୱାରା ବିହଙ୍ଗମ ଯୋଗ ଅନୁଷ୍ଠାନ ୧୦୦ ବର୍ଷ ତଳେ ପ୍ରତିଷ୍ଠା ହୋଇଥିଲା । ୧୨୫ ପାଖୁଡ଼ା ପଦ୍ମାକୃତି ଗୁମ୍ବୁଜ ବିଶିଷ୍ଟ ଉକ୍ତ ଧାନ ମନ୍ଦିରରେ ୨୦,୦୦୦ ଲୋକ ଏକକାଳୀନ ବସି ଧାନ କରିବା ପାଇଁ ବ୍ୟବସ୍ଥା ରହିଛି, ଯାହା ଏହାକୁ ବିଶ୍ୱର ସର୍ବବୃହତ୍ ଧାନ କେନ୍ଦ୍ରରେ ପରିଣତ କରିଛି । ବାରାଣସୀ ସହରଠାରୁ ପ୍ରାୟ ୧୨ କିଲୋମିଟର ଦୂର ଉମରାହା ଅଞ୍ଚଳରେ ଅବସ୍ଥିତ ସ୍ୱର୍ବେଦ ମହାମନ୍ଦିର ୩,୦୦,୦୦୦ ବର୍ଗଫୁଟ ପରିବ୍ୟାପ୍ତ । ୨୦୦୪ ମସିହାରେ ସଦ୍‌ଗୁରୁ ଆଚାର୍ଯ୍ୟ ସ୍ୱତନ୍ତ୍ର ଦେବ ଓ ସନ୍ଥ ପ୍ରବର ବିଜ୍ଞାନ ଦେବ ଏହି ମହାମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାର ନିର୍ମାଣରେ ୬୦୦ ଶ୍ରମିକ ଓ ୧୫ ଜଣ ଇଞ୍ଜିନିୟର ନିୟୋଜିତ ହୋଇଥିଲେ । ଏହି ମନ୍ଦିରରେ ୧୦୧ଟି ଝରଣା ଓ ସୂକ୍ଷ୍ମ କାରୁକାର୍ଯ୍ୟ ସହିତ ସାଗୁଆନ କାଠର ସିଲିଂ ଓ କବାଟ ରହିଛି । ସାତ ମହଲାବିଶିଷ୍ଟ ମହାମନ୍ଦିରର କାନ୍ଥରେ ସ୍ୱର୍ବେଦର ଶ୍ଳୋକମାନ ଖୋଦନ କରାଯାଇଛି ।

କାନ୍ଥ ଗୁଡ଼ିକରେ ଗୋଲାପି ବାଲୁକା ପଥର ଲଗାଯାଇଛି ଏବଂ ଔଷଧୀୟ ବୃକ୍ଷର ଏକ ସୁନ୍ଦର ବଗିଚା ଏହାର ଭବ୍ୟତାକୁ ବୃଦ୍ଧି କରୁଛି । ବିହଙ୍ଗମ ଯୋଗର ପ୍ରତିଷ୍ଠାତା ସଦ୍‌ଗୁରୁ ଶ୍ରୀ ସଦାଫଲ ଦେଓଜୀ ମହାରାଜଙ୍କ ଦ୍ୱାରା ଲିଖିତ ଆଧାତ୍ମିକ ଗ୍ରନ୍ଥ ସ୍ୱର୍ବେଦ ନାମରେ ଏହି ମନ୍ଦିରର ନାମକରଣ କରାଯାଇଛି । ସ୍ୱର୍ବେଦ ମହାମନ୍ଦିରର ଉଦ୍ଦେଶ୍ୟ ହେଉଛି ମାନବଜାତିକୁ ଏହାର ଚମତ୍କାର ଆଧାତ୍ମିକ ଆଭାରେ ଆଲୋକିତ କରିବା ଏବଂ ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେବା । ଏହି ମନ୍ଦିର ସ୍ୱର୍ବେଦର ଶିକ୍ଷାକୁ ପ୍ରୋତ୍ସାହିତ କରିବା ସହ ବ୍ରହ୍ମବିଦ୍ୟା ଉପରେ ଗୁରୁତ୍ୱାରୋପ କରେ ଏବଂ ଆଧାତ୍ମିକ ସନ୍ଧାନୀମାନଙ୍କୁ ଶାନ୍ତି ଓ ସୁଖର ବାର୍ତ୍ତା ଦିଏ ।




## ବ୍ରହ୍ମାକୁମାରୀ ପକ୍ଷରୁ ମିଡିଆ ସଶକ୍ତି କରଣ କାର୍ଯ୍ୟକ୍ରମ





ସମ୍ବଲପୁର : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ମିଡିଆ ସଶକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଧାନ: ଗଣ ମାଧ୍ୟମର ପେଶାରେ ସଫଳତାର ଚାବିକାଠି' ଶୀର୍ଷକ ଆଲୋଚନା ଚକ୍ରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଓ ମାଉଣ୍ଟଆବୁର ବ୍ରହ୍ମକୁମାର ସୁଶାନ୍ତ ଯୋଗ ଦେଇ ଧାନ ଦ୍ୱାରା ସାମ୍ବାଦିକଙ୍କ ଧାରାବାହିକ ଜୀବନରେ ସଫଳତା ପ୍ରାପ୍ତି ହୋଇଥାଏ । ଆଜିର ପରିବେଶରେ ସାମ୍ବାଦିକତା କ୍ଷେତ୍ରରେ ଆଧାତ୍ମିକତାର ସମାବେଶ ଆବଶ୍ୟକ ରହିଛି । କାରଣ ଆଧାତ୍ମିକ ଜ୍ଞାନ ଏବଂ ରାଜଯୋଗ ଧାନ ବଳରେ ସାମ୍ବାଦିକ ନିଜର ଚିନ୍ତନ, ଦୃଷ୍ଟିକୋଣ ଏବଂ ଜୀବନ ଶୈଳୀକୁ ସୁସ୍ଥ, ସବଳ, ସମୃଦ୍ଧ ଏବଂ ସକାରାତ୍ମକ ରଖି ପାରିବେ । ସକାରାତ୍ମକ ଏବଂ ଆଶାବାଦୀ ମାନସିକତା ହିଁ ସାମ୍ବାଦିକଙ୍କର ବ୍ୟକ୍ତିତ୍ୱ ଧାରାବାହିକ ଏବଂ ସାମାଜିକ ଜୀବନରେ ସମସ୍ତ ସମସ୍ୟାର ସମାଧାନ ଆଣି ପାରିବ ବୋଲି କହିଥିଲେ । ବ୍ରହ୍ମକୁମାରୀ ଆରତୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜଯୋଗ କେନ୍ଦ୍ର ସମୂହର ନିର୍ଦ୍ଦେଶିକା ରାଜଯାଗିନୀ ବି.କେ ପାର୍ବତୀ ମଧ ଉଦ୍‌ବୋଧନ ଦେଇଥିଲେ । ଶେଷରେ ରାଜଯୋଗ ଶିକ୍ଷିକା ବ୍ରହ୍ମକୁମାରୀ ଦୀପା ଗୁପ୍ତା ସାମୂହିକ ରାଜଯୋଗର ଅଭ୍ୟାସ କରାଇଥିଲେ ।

## ଡାକ୍ତର ଦୁର୍ଗା ଶତପଥୀ ଓ.ଡି.ଏର ସଭାପତି ନିର୍ବାଚିତ

ସମ୍ବଲପୁର : ବିଶିଷ୍ଟ ଦନ୍ତ ଚିକିତ୍ସକ ଡାକ୍ତର ଦୁର୍ଗା ଶଙ୍କର ଶତପଥୀ ଭାରତୀୟ ଦନ୍ତ ଚିକିତ୍ସକ ସଂଘର ରାଜ୍ୟସଭାପତି ରୂପେ ଆସନ୍ତା



୨୦୨୫ ବର୍ଷ ପାଇଁ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । ନିକଟରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟ ଦନ୍ତ ଚିକିତ୍ସକ ସଂଘର ୩୯ତମ ବାର୍ଷିକ ସମ୍ମିଳନୀରେ ଶ୍ରୀ ଶତପଥୀ ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଡାକ୍ତର ଶତପଥୀ ୨୦୧୮ ମସିହାରେ ମଧ ସଂଘର ରାଜ୍ୟ ସଭାପତି ରୂପେ ସଫଳତାର ସହିତ ଦାୟିତ୍ୱ ତୁଲାଇଥିଲେ ।

## ଐତିହାସିକ ରାନୀ ବଖରୀ ଏବେ 'ନିମନ୍ତ୍ରଣ' ରେସ୍ତୋରାଁ





ସମ୍ବଲପୁର: ସମ୍ବଲପୁରକୁ ଆସୁଥିବା ପର୍ଯ୍ୟଟକଙ୍କୁ ରାଜାରାଜୁଡ଼ା ସମୟର ନିଆରା ଅନୁଭବ ଦେବାପାଇଁ ସମ୍ବଲପୁରର ରାଣୀ ବଖରୀରେ ଆରମ୍ଭ ହୋଇଛି 'ନିମନ୍ତ୍ରଣ' । ପର୍ଯ୍ୟଟକ ଏଠାରେ ନିଆରା ସ୍ୱାଦିଷ୍ଟ ଓଡ଼ିଆ ଖାଦ୍ୟର ଅନୁଭବ ନେଇ ପାରିବେ ।

ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଓଟିଡିସିର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି ଭୋଜନାଳୟ 'ନିମନ୍ତ୍ରଣ'କୁ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦଘାଟନ କରିଥିଲେ । ଜିଲ୍ଲା ପର୍ଯ୍ୟଟନ ବିଭାଗ ଓଏସଡି ହେମନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅନନ୍ୟା ଦାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପାଠ କରିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଟିଡିସି ଚେୟାରମ୍ୟାନ ଲେନିନ ମହାନ୍ତି, ଜିଲା ପରିଷଦ ସଭାପତି କୁମୋଦିନୀ ନାୟକ, ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରଦୀପ କୁମାର ସାହୁ, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ, ଓଟିଡିସି ମହାପ୍ରବନ୍ଧକ ଲଲାଟେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବଲପୁର 'ନିମନ୍ତ୍ରଣ'ର ଭାରପ୍ରାପ୍ତ ମ୍ୟାନେଜର ଭାବରେ ଶିବ ପ୍ରସାଦ ପାଣିଗ୍ରାହୀଙ୍କୁ ଅବସ୍ଥାପିତ କରାଯାଇଛି ।

## ପ୍ରସନ୍ନ ମହାନ୍ତି ଓୟୁଜେର ସଭାପତି ରୂପେ ପୁନଃ ନିର୍ବାଚିତ


ଭୁବନେଶ୍ୱର: ସାମ୍ବାଦିକ ପ୍ରସନ୍ନ କୁମାର ମହାନ୍ତି ଓଡ଼ିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ



(ଓୟୁଜେ)ର ସଭାପତି ରୂପେ ପୁନଃ ନିର୍ବାଚିତ ହୋଇଛନ୍ତି । ଏଠାରେ ଅନୁଷ୍ଠିତ ସଂଘର ୨୬ ତମ ଦ୍ୱିବାର୍ଷିକ ଅଧିବେଶନ ଓ ପ୍ରତିଷ୍ଠା ଦିବସ ସମାରୋହରେ ଶ୍ରୀ ମହାନ୍ତି ନିର୍ବାଚିତ ହୋଇଛନ୍ତି । ଉତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସାମ୍ବାଦିକ ଯୋଗ ଦେଇଥିଲେ ।

## ଏ ସଂଖ୍ୟାରେ..


ଖେଚୁଡିଖାଇ ସୁସ୍ଥ ରୁହନ୍ତୁ


ହୃଦରୋଗ ଦୂର କରେ କେସର


ପ୍ରୋଟିନ୍‌ରେ ଭରପୂର କାଙ୍କଡ଼


ଦେହକୁ ହିତ ପିଜୁଳି


ତେନ୍ତୁଳିର ଉପଯୋଗିତା


ଘିଅର ଉପକାରିତା

## ଶ୍ରମିକ କଲ୍ୟାଣ ସହାୟତା ବଣ୍ଟନ ଶିବିର

ଝାରସୁଗୁଡ଼ା : ଲଖନପୁର ବ୍ଲକ କୁମ୍ଭାର ବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସହାୟତା ବାବଦକୁ ମୋଟ ୧୩୬ ଜଣଙ୍କୁ ୮୮,୮୦,୮୦୦ଟଙ୍କା ପ୍ରଦାନ କରାଯାଇଛି । ମୃତ୍ୟୁ କାଳୀନ ସହାୟତା ବାବଦରେ ୨୧ ଜଣଙ୍କୁ ୪୨,୦୦,୦୦୦ ଟଙ୍କା, ଅନ୍ତ୍ୟେଷ୍ଟି କ୍ରିୟା ବାବଦରେ ୨୦ ଜଣଙ୍କୁ ୧,୦୦,୦୦୦, ବିବାହ ସହାୟତା ୯୨ଜଣଙ୍କୁ ୪୫,୫୦,୦୦୦, ପ୍ରସୂତିକାଳୀନ ସହାୟତା ୩ଜଣଙ୍କୁ ୩୦,୦୦୦ ଟଙ୍କା ପ୍ରଦାନ କରାଯାଇଛି । ୨୦୦ ଜଣଙ୍କୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଛି ।

ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ପ୍ରଦୀପ ଏହି ଶିବିରକୁ ଉଦଘାଟନ କରି ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ବଣ୍ଟନ କରି ଶ୍ରମିକ ମାନେ କିପରି



ଅଧିକରୁ ଅଧିକ ସଂଖ୍ୟାରେ ଅନଲାଇନରେ ନାମ ପଞ୍ଜିକରଣ କରିବେ ଓ ପଞ୍ଜିକୃତ ଶ୍ରମିକଙ୍କ କାର୍ଡ ନବୀକରଣ କରାଇ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ଉପଭୋଗ କରିବାକୁ ଆହ୍ୱାନ ଦେଇଥିଲେ । କୌଣସି ମଧ୍ୟସ୍ତିଜରିଆରେ ଶ୍ରମିକ କାର୍ଡ ପାଇଁ ଆବେଦନ ନ କରିବାକୁ ବିଧାୟିକା ପରାମର୍ଶ ଦେଇଥିଲେ ।

ସମିତିସଭ୍ୟ ରମାକାନ୍ତ ମିର୍ଜା ଓ ସରପଞ୍ଚ କମଳ ଲୋଚନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦେବା ଓ ଅଧିକରୁ ଅଧିକ ଶ୍ରମିକ କିପରି ଉପକୃତ ହେବେ ସେ କ୍ଷେତ୍ରରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ସହଯୋଗ କରିବାକୁ କହିଥିଲେ ।

ଜିଲ୍ଲା ଶ୍ରମ ଅଧିକାରୀ ସୁନିତା କିସାନ ଶିବିର ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସହକାରୀ ଶ୍ରମ ଅଧିକାରୀ ସସ୍ମିତା ବିଶ୍ୱାଳ, କାର୍ଯ୍ୟକ୍ରମ ପରିଚାଳକ (ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ) ଜନ୍ମେଜୟ ସା, କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଲ୍ୟାଣ ସଂଯୋଜକ କାନ୍ତେଶ୍ୱର ମହାପାତ୍ର, ପ୍ରଶାନ୍ତ ମଣ୍ଡଳ, ଆଶିଷ ପ୍ରଧାନ ଓ ଦେବାଶିଷ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଗ୍ରାମୀଣ ଶ୍ରମ ନିରୀକ୍ଷକ ବିମଳ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

## ପ୍ରଫେସର ଘନଶ୍ୟାମ ଦାସ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ

ସମ୍ବଲପୁର : 'ସେତୁ' ଆନୁକୁଲ୍ୟରେ 'ବୌଦ୍ଧିକ କ୍ରାନ୍ତି ଓ ପ୍ରଗତି' ବିଷୟବସ୍ତୁ ଉପରେ ୨୪ତମ ପ୍ରଫେସର ଘନଶ୍ୟାମ ଦାଶ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରଫେସର ମୀନକେତନ ପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ନାଗାରାଜୁ ମୁଖ୍ୟ ଅତିଥି ଓ ବିଶିଷ୍ଟ ଶିକ୍ଷାବିତ୍ ତଥା ଲେଖକ ପ୍ରଫେସର ଧନେଶ୍ୱର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସେତୁର ବରିଷ୍ଠ ସଦସ୍ୟ କାମଦେବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ରୀତାରାଣୀ ମିଶ୍ର ସମ୍ବର୍ଦ୍ଧନା ଦେଇଥିଲେ । ଯୁଗ୍ମ ସମ୍ପାଦକ ଜୟକୃଷ୍ଣ ବେହେରାଙ୍କ ସଂଯୋଜନାରେ ବକ୍ତୃତା ଓ ପରେ ଏକ ଉପଯୋଗୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ କାର୍ଯ୍ୟକାରୀ କମିଟିର ବରିଷ୍ଠ ସଦସ୍ୟ ହରି ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବରଗଡ଼ : ଅତାବିରା ବ୍ଲକ ଅନ୍ତର୍ଗତ କୁମେଲସିଂହା ଗ୍ରାମର ଧର୍ମପ୍ରାଣା ମହିଳା ମୀରା ପାଣିଗ୍ରାହୀଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୨ବର୍ଷ ହୋଇଥିଲା । ପଣ୍ଡିତ ଭୁବନେଶ୍ୱର ପାଣିଗ୍ରାହୀଙ୍କ ଧର୍ମପତ୍ନୀ ସ୍ୱର୍ଗତା ପାଣିଗ୍ରାହୀ ଗ୍ରାମରେ ଅନୁଷ୍ଠିତ ଭାଗବତ, ଗୀତା, ପୂଜାପାଠ ଆଦି ଧାର୍ମିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ଆସୁଥିଲେ । ସ୍ୱର୍ଗତା ପାଣିଗ୍ରାହୀଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ରୂପାପାଲି ଝାଇଁଯୋର ସ୍ୱର୍ଗଦ୍ୱାରକୁ ନିଆଯାଇ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା । ସେଠାରେ ତାଙ୍କ ବଡ଼ପୁଅ ଧନୀରାମ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ପାଣିଗ୍ରାହୀ ତାଙ୍କ ମୃତ୍ୟୁ ପଛରେ ସାନପୁଅ ପୁରନ୍ଦର, ୫ଝିଅ, ନାତିନାତୁଣୀ ଏବଂ ଆତ୍ମୀୟ ସ୍ୱଜନଙ୍କୁ ଛାଡ଼ି ଯାଇଛନ୍ତି ।

## ଗୁରୁନାନକ ପବ୍ଲିକ ସ୍କୁଲରେ କୌଶଳ ବିକାଶ ପ୍ରଦର୍ଶନୀ

ସମ୍ବଲପୁର : ଗୁରୁନାନକ ପବ୍ଲିକ୍ ସ୍କୁଲରେ କୌଶଳ ବିକାଶ ପ୍ରଦର୍ଶନୀ ଓ ଆନ୍ତଃସ୍କୁଲ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଅଧକ୍ଷ ରବୀନ୍ଦ୍ରନାଥ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭିସୁଟ୍‌ର କୁଳପତି ପ୍ରଫେସର ବଂଶୀଧର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍କୁଲ ସଭାପତି ଗୁରୁଚରଣ ସିଂ ପୁହି, ସମ୍ପାଦକ ରଣଜିତ ସିଂ, ପରିଚାଳନା କମିଟି ସଦସ୍ୟ ଗୀତମ ସିଂ, ନରେନ୍ଦ୍ର ସିଂ, ମନଜିତ ସିଂ. ଜିଏମ୍‌ୟୁର ପ୍ରଫେସର ସୁଶାନ୍ତ ଦାସ ଓ ପ୍ରଫେସର ଦ୍ୱାରିକାନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦର୍ଶନୀରେ ବିଜ୍ଞାନ, ସାମାଜିକ ବିଜ୍ଞାନ, ଗଣିତ, ଇଂରାଜୀ, ହସ୍ତଶିଳ୍ପ ଓ ଚିତ୍ରକଳା ପବିଭାଗର ପ୍ରକଳ୍ପମାନ ପ୍ରଦର୍ଶିତ ହୋଇଥିଲା । ୪୦୦ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିବା ବେଳେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



## କର୍ମର ମହତ୍ତ୍ୱ ହେଉଛି ସର୍ବୋପରି

ମନୁଷ୍ୟ ପରମାତ୍ମାଙ୍କ ଦ୍ୱାରା ସୃଜିତ ଏହି ସୁନ୍ଦର ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ, ଏହା ସତ୍ୟ । କିନ୍ତୁ ଯେତେବେଳେ ସେ ଶ୍ରେଷ୍ଠ କର୍ମ କରିଥାଏ, ଉତ୍ତମ କର୍ମ କରି ଥାଏ, ସେତେବେଳେ ତା'ର ଶ୍ରେଷ୍ଠତା ପ୍ରକଟ ହୋଇଥାଏ, ଏହା ମଧ ସତ୍ୟ । ଏକ ପକ୍ଷରେ ନିଜର ସାଂସାରିକ କର୍ମଗୁଡ଼ିକ ଦ୍ୱାରା ସେ ଭୌତିକ ପ୍ରଗତିର ସର୍ବୋଚ୍ଚ ସୋପାନକୁ ପାଇପାରେ ତ ଅନ୍ୟ ପକ୍ଷରେ ନିଜର ଆଧାତ୍ମିକ କର୍ମଗୁଡ଼ିକ ଦ୍ୱାରା ସେ ନିଜ ଚେତନାର ସର୍ବୋଚ୍ଚ ଶିଖରକୁ ଛୁଇଁ, ଆଧାତ୍ମିକତାର ଶିଖର ପର୍ଯ୍ୟନ୍ତ ପହଞ୍ଚି ନିଜ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ, ଚରମ ଲକ୍ଷ୍ୟ, ପରମ ଲକ୍ଷ୍ୟକୁ ମଧ ପ୍ରାପ୍ତ କରିପାରେ ।

ଏହାକୁ ପ୍ରାପ୍ତ କରି ସେ ପ୍ରକୃତରେ ଶାଶ୍ୱତ ସୁଖ ଓ ପରମ ଆନନ୍ଦର ପ୍ରାପ୍ତି କରିପାରେ । ସେ ଭୌତିକ ଓ ଆଧାତ୍ମିକ ଉଭୟ ପ୍ରକାର ସୁଖ ପ୍ରାପ୍ତ କରିପାରେ । ଏଣୁ ଏହା ସ୍ପଷ୍ଟ ଯେ ଭୌତିକତାର ଚରମ ଉପଲବ୍ଧି କରିବା ହେଉ ଅଥବା ଆଧାତ୍ମିକତାର ପରମ ଉପଲବ୍ଧି କରି ପରମ ଆନନ୍ଦ ପ୍ରାପ୍ତ କରିବା ହେଉ– ଦୁଇଟିର ମୂଳରେ କର୍ମ ହିଁ ରହିଛି । ତେଣୁ କର୍ମ ହିଁ ଜୀବନର ସାର ।

ମନୁଷ୍ୟର ମୃତ୍ୟୁ ପରେ ତା'ର କର୍ମ ହିଁ ବାକି ରହେ । ସେ ଜୀବନ ପର୍ଯ୍ୟନ୍ତ ନିଜର ଭଲ-ମନ୍ଦ କର୍ମଗୁଡ଼ିକ କାରଣରୁ ପରିଚିତ ହୋଇଥାଏ ଏବଂ ସୁଖ-ଦୁଃଖ ପ୍ରାପ୍ତ କରିଥାଏ । ମରିବା ପରେ ମଧ ନିଜ ଜୀବନରେ କରାଯାଇଥିବା କର୍ମଗୁଡ଼ିକର ଆଧାରରେ ହିଁ ନୂତନ ଜୀବନ ଲାଭ କରେ ଅଥବା ପରମ ଗତିକୁ ପ୍ରାପ୍ତ ହୋଇଥାଏ ।

ଏପର୍ଯ୍ୟନ୍ତ ମାନବୀୟ ସଭ୍ୟତାର ଯେଉଁ ବିକାଶ ହୋଇଛି, ତାହା ମନୁଷ୍ୟ ଦ୍ୱାରା କରାଯାଇଥିବା କାର୍ଯ୍ୟଗୁଡ଼ିକର ହିଁ ପରିଣାମ । ଆଜି ଦୁନିଆରେ ଶିକ୍ଷା, ସ୍ୱାସ୍ଥ୍ୟ, ଚିକିତ୍ସା, କୃଷି, ଅନ୍ତରୀକ୍ଷ, ବିଜ୍ଞାନ, ସୂଚନା, ସଂଚାର, ଟେକ୍ନିକ୍ ଆଦି କ୍ଷେତ୍ରରେ ଯେଉଁ କ୍ରାନ୍ତି, ପ୍ରଗତି ଦେଖାଯାଉଛି, ତାହା ମନୁଷ୍ୟ ଦ୍ୱାରା କରାଯାଇଥିବା କାର୍ଯ୍ୟ, ଆବିଷ୍କାର ଓ ପ୍ରୟାସଗୁଡ଼ିକର ହିଁ ପରିଣାମ ।

କର୍ମଶୀଳ ହୋଇ ହିଁ ମନୁଷ୍ୟ ଚନ୍ଦ୍ର ତଥା ମଙ୍ଗଳ ଗ୍ରହ ପର୍ଯ୍ୟନ୍ତ ପହଞ୍ଚି ପାରିଛି । ଏହି ସଂସାରରେ ଶିକ୍ଷା, ଚିକିତ୍ସା, ଅନ୍ତରୀକ୍ଷ, ଉଦ୍ୟୋଗ, ଖେଳ, ବ୍ୟବସାୟ, ଫିଲ୍ମ, ରାଜନୀତି, ସାହିତ୍ୟ, ବିଜ୍ଞାନ, ଅଧାତ୍ମ ଆଦି ବିଭିନ୍ନ କ୍ଷେତ୍ରରେ ଯେଉଁ ଲୋକମାନେ ସଫଳତା ପାଇଛନ୍ତି ଅଥବା ସଫଳତାର ସର୍ବୋଚ୍ଚ ଶିଖରକୁ ଛୁଇଁଛନ୍ତି, ସେମାନେ ସେଗୁଡ଼ିକୁ ନିଜର କାର୍ଯ୍ୟ ବଳରେ ହିଁ କରିପାରିଛନ୍ତି ।

ଜୀବନର ଯେକୌଣସି କ୍ଷେତ୍ରରେ ସଫଳ ବା ଅସଫଳ ହେବା ଆମର କର୍ମଗୁଡ଼ିକ ଉପରେ ନିର୍ଭର କରିଥାଏ । କର୍ମ ଦ୍ୱାରା ହିଁ ବ୍ୟକ୍ତିର ଜୀବନର ଦଶା ଓ ଦିଶା ସ୍ଥିର ହୋଇଥାଏ । କର୍ମ ହିଁ ବ୍ୟକ୍ତିର ଉତ୍ଥାନ ଓ ପତନର କାରଣ ହୋଇଥାଏ । ସତ୍ ପ୍ରୟାସ, ସତ୍‌କାର୍ଯ୍ୟ, ସତକର୍ମ କରିବା ଦ୍ୱାରା ମନୁଷ୍ୟର ଉତ୍ଥାନ ହୋଇଥାଏ ଏବଂ ମନ୍ଦ କର୍ମ, ଖରାପ କର୍ମ କରିବା ଦ୍ୱାରା ମନୁଷ୍ୟର ପତନ ହୋଇଥାଏ ।

କର୍ମଶୀଳ ମନୁଷ୍ୟ ପାଇଁ ଏ ସଂସାରରେ କିଛି ଦୁର୍ଲଭ ନୁହେଁ ଏବଂ କର୍ମହୀନ, ଅକର୍ମଣ୍ୟ ଓ ନିଷ୍କ୍ରିୟ ବ୍ୟକ୍ତି ପାଇଁ ଏ ସଂସାରରେ କିଛି ବି ସୁଲଭ ନୁହେଁ । କର୍ମଶୀଳ ବ୍ୟକ୍ତିର ଜୀବନ ସୁଖ, ସମୃଦ୍ଧି, ଧନ, ଐଶ୍ୱର୍ଯ୍ୟ, ଯଶ ବା ଆନନ୍ଦରେ ଭରି ଯାଇଥାଏ । କିନ୍ତୁ କର୍ମହୀନ, ଅକର୍ମଣ୍ୟ, ଅଳସୁଆ, ପ୍ରମାଦୀ ଓ ନିଷ୍କ୍ରିୟ ବ୍ୟକ୍ତିର ଜୀବନ ଦୁଃଖ, ଦାରିଦ୍ର୍ୟ, କଷ୍ଟ, କ୍ଳେଶ ଓ ଅଭାବରେ ଭରିଯାଏ ।

ଯଦି ଆମେ ଜୀବନରେ ଭୌତିକ ବା ଆଧାତ୍ମିକ ଉତ୍ଥାନ ଚାହୁଁ, ତେବେ ଆମକୁ କର୍ମଶୀଳ ରହିବାକୁ ପଡ଼ିବ । ଯଦି ଆମେ ଜୀବନରେ ସୁଖ, ସମୃଦ୍ଧି, ସଫଳତା, ଶାନ୍ତି ଓ ଆନନ୍ଦ ପାଇବାକୁ ଚାହୁଁ, ତେବେ ଆମେ ସର୍ବଦା କର୍ମଶୀଳ ହେବା ଉଚିତ । କର୍ମଶୀଳତାର ଅନ୍ୟ ନାମ ହେଉଛି ଜୀବନ ଏବଂ ଅକର୍ମଣ୍ୟତା ଓ ନିଷ୍କ୍ରିୟତାର ଅନ୍ୟ ନାମ ହେଉଛି ମୃତ୍ୟୁ । ଅକର୍ମଣ୍ୟ ବ୍ୟକ୍ତି ପାଇଁ ତ ଶରୀରର ନିର୍ବାହ କରିବା ମଧ ସମ୍ଭବ ହୋଇ ନଥାଏ ।

ଏଣୁ ଏହି ଜୀବନରେ କର୍ମର ମହତ୍ତ୍ୱ ସର୍ବୋପରି, ଏହା ସର୍ବବିଦିତ । ତେଣୁ ଭଗବାନ ଶ୍ରୀକୃଷ୍ଣ ଗୀତାରେ ନିଜର ଉଦାହରଣ ଦେଇ କହିଛନ୍ତି ଯେ ମୋ ପାଇଁ କୌଣସି କର୍ମ କରିବା ବାକି ନାହିଁ, ତଥାପି ମୁଁ କର୍ମ କରିଥାଏ । ଏଣୁ ମନୁଷ୍ୟକୁ ମଧ କର୍ମଶୀଳ ରହିବା ଉଚିତ । ପ୍ରକୃତି ମଧ ସର୍ବଦା କ୍ରିୟାଶୀଳ ହୋଇ ଆମକୁ କ୍ରିୟାଶୀଳ ହେବାର ପ୍ରେରଣା ଦେଉଛି । ପୃଥିବୀ ଗତିଶୀଳ, ନଦୀଗୁଡ଼ିକ ପ୍ରବହମାନ । ସମୁଦ୍ରରେ ଲହରୀ ସବୁବେଳେ ଉଠୁଥାଏ, ସୂର୍ଯ୍ୟ ଜଗତକୁ ପ୍ରକାଶିତ କରିବାରେ ସଂଲଗ୍ନ, ଗଗନ ମଣ୍ଡଳରେ ଚନ୍ଦ୍ର ମଧ ପ୍ରକାଶିତ, ତାରା-ନକ୍ଷତ୍ର ମଧ ଭାଙ୍ଗି ବିଚ୍ଛୁରିତ ହୋଇଥାନ୍ତି ।

ଏଣୁ ଆମେ ମଧ ସର୍ବଦା ଗତିଶୀଳ, କ୍ରିୟାଶୀଳ, କର୍ମଶୀଳ ହେବା ଉଚିତ । ଜୀବନରେ ଗତି ନ ଥିଲେ ତାହା କି ପ୍ରକାର ଜୀବନ ? ସେପରି ଜୀବନ ତ ବୋଝ, ଭାର, ବେକାର, ନୀରସ, ନିରର୍ଥକ । ଏପରି ଜୀବନ କ'ଣ କେଉଁ ଜୀବନରେ ଗଣା ? ଏପରି ଜୀବନ ତ ପଶୁପକ୍ଷୀ ମଧ ବଞ୍ଚନ୍ତି ନାହିଁ, ତାହାହେଲେ ଆମେ ମନୁଷ୍ୟ ହୋଇ, ଶ୍ରେଷ୍ଠ ପ୍ରାଣୀ ହୋଇ ଭଲା ଏପରି ଜୀବନ କାହିଁକି ଜିଇବା ? ଆମକୁ ଈଶ୍ୱର ଜ୍ଞାନେନ୍ଦ୍ରିୟ, କର୍ମେନ୍ଦ୍ରିୟ, ମନ, ବୁଦ୍ଧି ଓ ଚେତନା ପ୍ରଦାନ କରିଛନ୍ତି, ଯାହା ଫଳରେ ଆମେ ସର୍ବଦା କର୍ମଶୀଳ ରହିବା, ସତ୍‌କର୍ମରେ ରତ ରହିବା ।

କର୍ମ ଶବ୍ଦ 'କୃ' ଧାତୁରୁ ନିଷ୍ପନ୍ନ ହୋଇଛି । 'କୃ'ର ଅର୍ଥ ହେଉଛି କରିବା । ଆମ ଦ୍ୱାରା ଯାହା କିଛି ବି କରାଯାଏ, ତାହା କର୍ମ । ଆମେ ଶାରୀରିକ ଓ ମାନସିକ ରୂପେ ଯାହା କିଛି କରୁ, ସେ ସବୁ ହିଁ କର୍ମ । ଜୀବନରେ କର୍ମ ବା କାର୍ଯ୍ୟ କରିବାର ଅର୍ଥ ହେଉଛି ସଚ୍ଚା ନିଷ୍ଠା, ମନୋଯୋଗ, ପରିଶ୍ରମ ଓ ସଚ୍ଚୋଟତା ପୂର୍ବକ ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ପୂର୍ଣ୍ଣ କରିବା ।

ଯେତେବେଳେ ଆମେ କୌଣସି କାର୍ଯ୍ୟକୁ ଭାର ବା ବୋଝ ମାନି ଅନିୟମିତ ରୂପେ କରୁ ତ ସେହି କାର୍ଯ୍ୟରେ ଆମକୁ ପୂର୍ଣ୍ଣ ସଫଳତା ମିଳି ନଥାଏ, କିନ୍ତୁ ଯେବେ ଆମେ କୌଣସି କାର୍ଯ୍ୟକୁ ପୂର୍ଣ୍ଣ ଏକାଗ୍ରତା, ସଚ୍ଚୋଟତା ଓ ନିୟମିତତା ଦ୍ୱାରା ଆନନ୍ଦ ପୂର୍ବକ କରିଥାଉ ତ ସେହି କାର୍ଯ୍ୟରେ ଆମର ସଂପୂର୍ଣ୍ଣ ସମାବେଶ ହୋଇଥାଏ, ଯଦ୍ୱାରା ଆମକୁ ଉକ୍ତ କାର୍ଯ୍ୟରେ ସଫଳତା ମିଳିଥାଏ ।

ଏ ସଂସାରର ଇତିହାସରେ ଯେଉଁ ଲୋକମାନେ ବି ସଫଳ ହୋଇଛନ୍ତି, ସେମାନେ ଏହି କାରଣରୁ ସଫଳ ହୋଇଛନ୍ତି ଏବଂ ଯେଉଁମାନେ ଅସଫଳ ହୋଇଛନ୍ତି ସେମାନେ ଅମନୋଯୋଗ ପୂର୍ବକ କରାଯାଇଥିବା କାର୍ଯ୍ୟଗୁଡ଼ିକ କାରଣରୁ ହିଁ ଅସଫଳ ହୋଇଛନ୍ତି । 'ଅସଫଳତାର ଅର୍ଥ ହେଉଛି ସଫଳତାର ପ୍ରୟାସ ପୂର୍ଣ୍ଣ ମନୋଯୋଗ ପୂର୍ବକ କରାଯାଇ ନାହିଁ ।'

କର୍ମଶୀଳ ହେବାର ଅର୍ଥ ନୁହେଁ ଯେ ଆମେ ମନ୍ଦ କର୍ମଗୁଡ଼ିକରେ ରତ ରହିବା । କର୍ମଶୀଳ ହେବାର ଅର୍ଥ ଉତ୍ତମ କର୍ମରେ, ସତ୍କାର୍ଯ୍ୟରେ ଲାଗି ରହିବ । ଏହି ସଂସାର, ଏହି ଜୀବନ କର୍ମପ୍ରଧାନ । ମନୁଷ୍ୟ ଯେମିତି କର୍ମ କରିଥାଏ, ତାକୁ ସେମିତି ଫଳ ପ୍ରାପ୍ତ ହୋଇଥାଏ । ଭଲ କର୍ମର ପରିଣାମ ସର୍ବଦା ଉତ୍ତମ ହୋଇଥାଏ ଏବଂ ମନ୍ଦ କର୍ମର ପରିଣାମ ସର୍ବଦା ଖରାପ । ଏ ଉପରେ ଗୋସ୍ୱାମୀ ତୁଳସୀଦାସଜି ରାମଚରିତ ମାନସରେ କହିଛନ୍ତି–

କରମ ପ୍ରଧାନ ବିଶ୍ୱ କରି ରାଖା ।
ଜୋ ଜସ କରଇ ସୋ ତସ ଫଲୁ ଚାଖା ।।
ସକଲ ପଦାରଥ ହୈଂ ଜଗ ମାହୀଂ ।
କର୍ମହୀନ ନର ପାବତ ନାହୀଂ ।।

ଅର୍ଥାତ୍ ଏହି ବିଶ୍ୱ, ଏହି ଜଗତ କର୍ମପ୍ରଧାନ । ଯିଏ ଯେପରି କର୍ମ କରିଥାଏ, ତାକୁ ସେହି ଭଳି ଫଳ ପ୍ରାପ୍ତ ହୋଇଥାଏ । ଏହି ସଂସାରରେ କୌଣସି ପଦାର୍ଥର କିଛି ଅଭାବ ନାହିଁ, କିନ୍ତୁ କର୍ମହୀନ ମନୁଷ୍ୟକୁ କିଛି ବି ପ୍ରାପ୍ତ ହୋଇ ନ ଥାଏ । କାରଣ ଏହି ସଂସାରରେ କିଛି ପାଇବା ପାଇଁ ପ୍ରଥମେ ଉଦ୍ୟମ ରୂପୀ କର୍ମ କରିବାକୁ ହେବ, ତେବେ ଯାଇ କିଛି ପ୍ରାପ୍ତ ହୋଇ ପାରିବ ।

**ଅବଶିଷ୍ଟାଂଶ ତୃତୀୟ ପୃଷ୍ଠାରେ**

# କର୍ମର ମହତ୍ତ୍ୱ ହେଉଛି ...

ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଏକ ପ୍ରସିଦ୍ଧ ଉକ୍ତି ଅଛି 'ଯାହା ବୁଣିବ, ତାହା କାଟିବ', ଅର୍ଥାତ୍ ମନୁଷ୍ୟ ଯେଉଁ ବୀଜ ବୁଣେ, ତାକୁ ସେହି ବୀଜର ଫଳ ପ୍ରାପ୍ତ ହୋଇଥାଏ । ଜଣେ କୃଷକ ଯେତେବେଳେ ନିଜ କ୍ଷେତରେ ଗହମର ବୀଜ ବୁଣିଥାଏ ତ ତା'ର କ୍ଷେତ୍ରରେ ଗହମର ଫସଲ ହିଁ ହୋଇଥାଏ । ଯେତେବେଳେ ସେ ନିଜ ଖେତରେ ବବୁରର ମଞ୍ଜି ବୁଣେ ତ ତା' ଖେତରେ ବବୁର ହିଁ ଉତ୍ପନ୍ନ ହୁଏ, ଆମ୍ବ ନୁହେଁ । ଯେମିତି କି କୁହାଯାଇଛି- ''ବବୁରର ବୀଜ ବୁଣିଲେ ଆମ୍ବ କିପରି ଫଳିବ ?

ସେହିପରି ମନୁଷ୍ୟ ଦ୍ୱାରା କରାଯାଇଥିବା ପ୍ରତ୍ୟେକ କାର୍ଯ୍ୟ ପ୍ରତ୍ୟେକ କର୍ମର ହିଁ ବୀଜ । ମନୁଷ୍ୟର ଜୀବନ ହିଁ ଖେତ । ମନୁଷ୍ୟ ନିଜର ଜୀବନ ରୂପୀ ଖେତରେ ଯେମିତି ବୀଜ ଲଗାଇଥାଏ, ତାକୁ ସେମିତି ଫଳ ପ୍ରାପ୍ତ ହୋଇଥାଏ । ଯଦି ଆମେ ନିଜର ଜୀବନ ରୂପୀ ଖେତରେ ଭଲ କର୍ମର ବୀଜ ଲଗାଇବା, ତେବେ ଆମକୁ ଉତ୍ତମ ଫଳ ପ୍ରାପ୍ତ ହେବ ଏବଂ ଯଦି ମନ୍ଦ କର୍ମର ବୀଜ ଲଗାଇବା ତେବେ ଆମକୁ ଖରାପ ଫଳ ହିଁ ପ୍ରାପ୍ତ ହେବ । କାହାକୁ ଦୁଃଖ, କଷ୍ଟ ବା ହାନି ପହଞ୍ଚାଇବା ପାଇଁ କରାଯାଇଥିବା କର୍ମ ଖରାପ କର୍ମ ବୋଲାଇଥାଏ । ମିଥ୍ୟା, ହିଂସା, ଅସତ୍ୟ, ବେଇମାନି ଓ ଅନୈତିକ ଉପାୟରେ କରାଯାଇଥିବା କର୍ମ ମନ୍ଦ କର୍ମ ବୋଲାଇଥାଏ । ଅନ୍ୟ ପକ୍ଷରେ ସତ୍ୟତା, ସଚ୍ଚୋଟତା, ନୈତିକତା ଉପରେ ଆଧାରିତ କର୍ମକୁ ଉତ୍ତମ କର୍ମ କୁହାଯାଏ । କାହାର ସେବା, ସହାୟତା, ଦାନ, ପରୋପକାର, ସହଯୋଗ, ସାହାଯ୍ୟ କରିବାକୁ ଉତ୍ତମ କର୍ମ କୁହାଯାଏ । ଉତ୍ତମ କର୍ମ ଦ୍ୱାରା ହିଁ ଆମକୁ ସୁଖ- ଶାନ୍ତି ଓ ସଫଳତା ମିଳିଥାଏ, ପରନ୍ତୁ ଖରାପ କର୍ମ କଲେ ଆମକୁ ଦୁଃଖ ପ୍ରାପ୍ତ ହୋଇଥାଏ । ଭୌତିକ ପ୍ରଗତି ପାଇଁ ଆମକୁ ଭୌତିକ କାର୍ଯ୍ୟଗୁଡ଼ିକରେ ସଚ୍ଚା ପ୍ରୟାସ କରିବା ଉଚିତ ଏବଂ ସେହିପରି ଆଧ୍ୟାତ୍ମିକ ଉତ୍‌ଥାନ ପାଇଁ ମଧ ଆମକୁ ନିରନ୍ତର ତଦନୁରୂପ ଯୋଗ ସାଧନା ଗୁଡ଼ିକରେ ସଚ୍ଚା ମନରେ ଲାଗି ରହିବା ଉଚିତ, କର୍ମଶୀଳ ରହିବା ଉଚିତ । ଏହା ହିଁ କର୍ମର ସିଦ୍ଧାନ୍ତ । ଏହା ହିଁ କର୍ମର ରହସ୍ୟ ।

ବିଜ୍ଞାନ ମଧ ଏହି ସିଦ୍ଧାନ୍ତକୁ ମାନୁଛି । ନିଉଟନଙ୍କ ଗତିର ତୃତୀୟ ନିୟମ ଅନୁସାରେ ପ୍ରତ୍ୟେକ କ୍ରିୟାର ବିପରୀତ ଦିଶାରେ ସମାନ ପ୍ରତିକ୍ରିୟା ହୋଇଥାଏ । ଯେମିତି ଆମେ କୌଣସି ପାଚେରି ଉପରକୁ କୌଣସି ପେଣ୍ଡୁକୁ ଯେଉଁ ଗତିରେ ଫିଙ୍ଗିବା, ସେହି ପେଣ୍ଡୁଟି ସେତିକି ଗତିରେ ବିପରୀତ ଦିଗରେ ଫେରି ଆସିବ ।

ଆମେ ଭଲ-ମନ୍ଦ ଯାହା ବି କର୍ମ କରୁ, ତାହାର ପ୍ରତିକ୍ରିୟା ଅବଶ୍ୟ ମିଳିଥାଏ ଏବଂ ସମୟ ଆସିଲେ ତାହାର ଭଲ ବା ମନ୍ଦ ଫଳ ଅବଶ୍ୟ ପ୍ରାପ୍ତ ହୋଇଥାଏ, ଏହା ନିର୍ବିବାଦ ସତ୍ୟ । ଏଣୁ ଆମେ ସଦାବେଳେ ଉତ୍ତମ କର୍ମ ହିଁ କରିବା ଉଚିତ । ଆମେ ସଦାବେଳେ ସତ୍କର୍ମ ଓ ସତ୍‌ପ୍ରୟାସ କରିବା ଆବଶ୍ୟକ ।

ଏବେ ପ୍ରଶ୍ନ ଉଠୁଛି ଯେ ବ୍ୟକ୍ତି ଭଲ ବା ମନ୍ଦ କର୍ମ କାହା ଦ୍ୱାରା ପ୍ରେରିତ ହୋଇ କରିଥାଏ । ଭଲ କର୍ମ କରିବା ପାଇଁ ମନୁଷ୍ୟର ବିଚାର ମଧ ଭଲ ହେବା ଦରକାର । କାରଣ ବିଚାର ହିଁ କର୍ମ ରୂପରେ ପ୍ରକଟ ହୋଇଥାଏ । ଯଦି ମନୁଷ୍ୟର ବିଚାର ଭଲ ହୁଏ ତ ତା'ର କର୍ମ ଭଲ ହେବ ଏବଂ ଯଦି ତା'ର ବିଚାର ଖରାପ ହୁଏ, ତେବେ ତା'ର କର୍ମ ମଧ ଖରାପ ହେବ । ମନୁଷ୍ୟର କର୍ମ ତା'ର ବିଚାର ଦ୍ୱାରା ପ୍ରେରିତ ହୋଇଥାଏ ।

ଗୌତମ ବୁଦ୍ଧ ଠିକ୍ ହିଁ କହିଛନ୍ତି– ''ଆମେ ଆଜି ଯାହା ବି ହୋଇଛେ, ଯେମିତି ବି ଅଛେ ; ତାହା ଆମର ବିଚାର ଗୁଡ଼ିକର ହିଁ ପରିଣାମ । ଆମର ବିଚାରଗୁଡ଼ିକ ଦ୍ୱାରା ହିଁ ଆମ ଜୀବନର ନିର୍ମାଣ ହୋଇଥାଏ ।'' ସ୍ୱାମୀ ବିବେକାନନ୍ଦ ମଧ କହିଛନ୍ତି– ''ଆଜି ଆମେ ସୁଖ ବା ଦୁଃଖ, ଯେଉଁ ସ୍ଥିତିରେ ବି ଅଛେ, ତାହା ଅତୀତରେ ବା ପୂର୍ବରେ ଆମ ଦ୍ୱାରା କରାଯାଇଥିବା ବିଚାର ଓ ବିଚାରଗୁଡ଼ିକରୁ ଉତ୍ପନ୍ନ କର୍ମଗୁଡ଼ିକର ହିଁ ପରିଣାମ ଏବଂ ଆମେ ଭବିଷ୍ୟତରେ ଯାହା ବି ହେବା, ତାହା ମଧ ବର୍ତ୍ତମାନ ଆମ ଦ୍ୱାରା କରାଯାଉଥିବା ବିଚାର ଓ ସେହି ବିଚାରଗୁଡ଼ିକରୁ ଉତ୍ପନ୍ନ କର୍ମଗୁଡ଼ିକର ହିଁ ପରିଣାମ ହେବ ।''

କେହି ବି କର୍ମ କରିବା ପୂର୍ବରୁ ସେହି କର୍ମର ବିଚାର ମନୁଷ୍ୟର ମନରେ ଉଠିଥାଏ । ପୁଣି ବ୍ୟକ୍ତି ସେହି ବିଚାର ଦ୍ୱାରା ପ୍ରେରିତ ହୋଇ ଭଲ ବା ମନ୍ଦ କର୍ମ କରିଥାଏ ବ୍ୟକ୍ତି ଯେପରି ଚିନ୍ତା କରିଥାଏ, ବିଚାର କରିଥାଏ, ସେ ସେହିପରି ହିଁ କାର୍ଯ୍ୟ କରିଥାଏ ଏବଂ ସେ ସେହି ପରି ହୋଇଯାଏ । ଏଣୁ ନିଜର ମନକୁ ଭଲ ବା ଦିବ୍ୟ ବିଚାରଗୁଡ଼ିକ ଦ୍ୱାରା ଭରିନିଅ, ଯଦ୍ୱାରା ତୁମେ ଭଲ ଚିନ୍ତା କରି ପାରିବ, ଭଲ ବିଚାର କରି ପାରିବ ଏବଂ ଭଲ ବା ଦିବ୍ୟ କର୍ମ କରି ଉତ୍ତମ ଓ ଦିବ୍ୟ ମନୁଷ୍ୟ ହୋଇ ପାରିବ ।'

ମନୁଷ୍ୟର ପରିଚୟ ତା'ର ପୋଷାକ ବା ଧନ- ବୈଭବରୁ ନୁହେଁ, ବରଂ ତା'ର କର୍ମଗୁଡ଼ିକ ଦ୍ୱାରା ମିଳିଥାଏ, ତା'ର ଚରିତ୍ରରୁ ମିଳିଥାଏ । ମନୁଷ୍ୟ ଶ୍ରେଷ୍ଠ କର୍ମଗୁଡ଼ିକ ଦ୍ୱାରା ହିଁ ଶ୍ରେଷ୍ଠ ହୋଇଥାଏ ଏବଂ ସର୍ବତ୍ର ସୁଖ, ସମ୍ମାନ ଓ ସଫଳତା ପ୍ରାପ୍ତ କରିଥାଏ । ତେଣୁ ମନୁଷ୍ୟ ସର୍ବଦା ଶ୍ରେଷ୍ଠ କର୍ମ, ଉତ୍ତମ କର୍ମ କରୁଥିବା ଉଚିତ । ଶ୍ରେଷ୍ଠ କର୍ମ କରିବା ହିଁ ମାନବର ଧର୍ମ । ଯେପରି ଶ୍ରଦ୍ଧା, ଭକ୍ତି ଓ ତନ୍ମୟତା ପୂର୍ବକ ଭଗବାନଙ୍କର ପୂଜା କରାଯାଏ, ସେହିପରି ମନୁଷ୍ୟ ନିଜର କର୍ମ ପୂଜା ପରି ପୂର୍ଣ୍ଣ ଏକାଗ୍ରତା, ତନ୍ମୟତା ଓ ସଚ୍ଚୋଟତା ପୂର୍ବକ କରିବା ଉଚିତ ।

ମନୁଷ୍ୟ ତ କର୍ମ କରିବା ଉଚିତ, କିନ୍ତୁ ଫଳ ପ୍ରାପ୍ତି ପାଇଁ ଅଧୀର ବା ବ୍ୟାକୁଳ ହେବା ଅନୁଚିତ, ଫଳର ଚିନ୍ତା ନ କରି କର୍ମ କରୁଥିବା ଦରକାର ; କାରଣ ଫଳ ତ ସମୟ ଆସିଲେ ହିଁ ପ୍ରାପ୍ତ ହେବ । ଯେମିତି କି ସନ୍ଥ କବୀର କହିଛନ୍ତି—

ଧୀରେ-ଧୀରେ ରେ ମନା,
ଧୀରେ ସବୁ କିଛି ହୋୟ ।
ମାଳୀ ସିଂଚେ ସୌ ଘଡ଼ା ଋତୁ
ଆୟେ ଫଳ ହୋୟ ।।

ଅର୍ଥାତ୍ ରେ ମନ ! ଧୈର୍ଯ୍ୟ ଧାରଣ କର, ଧୀରେ ଧୀରେ ସବୁ କିଛି ହୋଇଯାଏ । ଯଦି କୌଣସି ମାଳୀ ଚାରା ମୂଳରେ ଶହେ ଘଡ଼ା ପାଣି ଢାଳିଦିଏ, ତେବେ ବି ଚାରା ଗୋଟିଏ ଦିନରେ ଫଳ ଦେଇ ପାରିବ ନାହିଁ । ମାଳୀ ଧୈର୍ଯ୍ୟ ପୂର୍ବକ ବର୍ଷ ତମାମ ନିଜର କର୍ତ୍ତବ୍ୟ ପାଳନ କରିଥାଏ, ପୁଣି ଉପଯୁକ୍ତ ଋତୁ ଆସିଲେ ହିଁ ଗଛରେ ଫଳ ଫଳିଥାଏ ।

ଏ ସମ୍ବନ୍ଧରେ ଅନ୍ୟ ଜଣେ କବି ମଧ ସୁନ୍ଦର ଭାବେ କହିଛନ୍ତି –

କାରଜ ଧୀରେ ହୋତ ହୈ,
କାହେ ହୋତ ଅଧୀର ।
ସମୟ ପ୍ରାୟ ତରୁବର ଫରେ,
କେତକ ସିଂଚୋ ନୀର ।।

ଅର୍ଥାତ୍ ? ହେ ମନୁଷ୍ୟ ! ନିଜ କାର୍ଯ୍ୟରେ ଲାଗି ରହ କିନ୍ତୁ ତାହାର ଫଳ ପାଇଁ କେବେ ଅଧୀର ହୁଅ ନାହିଁ ; କାରଣ ଫଳ ତ ସମୟ ଆସିଲେ ହିଁ ପ୍ରାପ୍ତ ହେବ । ଯେପରି କୌଣସି ଚାରାରେ ବହୁତ ପାଣି ଦେଲେ ମଧ ସେହି ଚାରା ସେହି ଦିନ ବଡ଼ ହୋଇଯାଏ ନାହିଁ କି ଫଳ ଦିଏ ନାହିଁ, ତାହା ଏକ ନିର୍ଦ୍ଦିଷ୍ଟ ସମୟରେ ବଡ଼ ହୋଇ ହିଁ ଫଳ ଦେଇଥାଏ, ସେହିପରି ସମୟ ଆସିଲେ ହିଁ ବ୍ୟକ୍ତିକୁ ନିଜ କର୍ମଗୁଡ଼ିକର ଫଳ ପ୍ରାପ୍ତ ହୋଇଥାଏ ।

ଫଳ ବା ପରିଣାମର ଚିନ୍ତା କଲେ କିଛି ଲାଭ ହୁଏ ନାହିଁ, ବରଂ ହାନି ହିଁ ହାନି ହୋଇଥାଏ । ଏଣୁ ଫଳର ଚିନ୍ତା କରି କର୍ମ କରିବା ଦ୍ୱାରା ମନୁଷ୍ୟର ସେହି କର୍ମରେ ଏକାଗ୍ରତା କମ୍ ହୋଇଯାଏ, ଏଥିପ୍ରତି ଧ୍ୟାନ ଦେବା ଦରକାର ।

ମୁଁ ହାରିବି କି ଜିତିବି, ମୋତେ ଫଳ ପ୍ରାପ୍ତ ହେବ କି ନାହିଁ, ଏପରି ଚିନ୍ତା କରି କର୍ମ କରିବା ଦ୍ୱାରା ଆମେ ସେହି କର୍ମକୁ କୁଶଳତା ପୂର୍ବକ ସଂପନ୍ନ କରିପାରି ନଥାଉ । ଆମେ ନିଜର ସଂପୂର୍ଣ୍ଣ ଉର ସମାବେଶ ସେହି କର୍ମରେ କରିପାରି ନ ଥାଉ ।

ଯଦି କର୍ମର ପରିଣାମ ଆମର ଅନୁକୂଳ ମିଳେ ନାହିଁ ତ ଆମେ ଘୋର ନିରାଶା, ଅବସାଦ, ଆବେଶରେ ବୁଡ଼ିଯାଉ । ଆମର ଆତ୍ମବଳ ଦୁର୍ବଳ ହୋଇଯାଏ । ଆମେ ମନରେ ହାରିଯାଉ ଏବଂ ସେହି କାର୍ଯ୍ୟ ପାଇଁ ନିଜର ପ୍ରୟାସ କରିପାରି ନଥାଉ ।

ଏହି ସମସ୍ୟାର ସମାଧାନ ହେଲା- ଆମେ କର୍ମ କଲା ବେଳେ ଫଳର ଚିନ୍ତା କରିବା ନାହିଁ । କାରଣ କେବଳ କର୍ମ କରିବା ହିଁ ଆମ ହାତରେ ଅଛି, ସେହି କର୍ମର ଫଳ ଆମ ହାତରେ ନାହିଁ । ତେଣୁ ଗୀତାକାର ଅର୍ଜୁନଙ୍କ ମାଧମରେ ସଂପୂର୍ଣ୍ଣ ମନୁଷ୍ୟ ଜାତିକୁ ଏହି ସନ୍ଦେଶ ଦେଇଛନ୍ତି ଯେ ଫଳର ଚିନ୍ତା ନ କରି ନିଜର କର୍ତ୍ତବ୍ୟ କର୍ମ କରି । କର୍ମରେ ସଫଳତା ମିଳୁ ଅଥବା ଅସଫଳତା, ମୋର ହାର ହେବ ଅଥବା ଜିତ, ମୋର ଆଲୋଚନା ହେବ ବା ପ୍ରଶଂସା, ଏହାର ଚିନ୍ତା କରି ନାହିଁ । କେବଳ ନିଜର କର୍ମ କର ।

ସୁଖଦୁଃଖେ ସମେ କୃତ୍ୱ
ଲାଭାଲାଭୌ ଜୟାଜୟେ ।
ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ
ପାପମବାପ୍‌ସ୍ୟସି ।।
-ଗୀତା ୨.୩୮

ଅର୍ଥାତ୍ ଜୟ-ପରାଜୟ, ଲାଭ-କ୍ଷତି ଓ ସୁଖ-ଦୁଃଖକୁ ସମାନ ବୋଲି ବୁଝି, ତା'ପରେ ଯୁଦ୍ଧ (କର୍ତ୍ତବ୍ୟ କର୍ମ) ପାଇଁ ପ୍ରସ୍ତୁତ ହୋଇଯାଅ, ଏହି ପ୍ରକାର ଯୁଦ୍ଧ କରିବା ଦ୍ୱାରା, କର୍ତ୍ତବ୍ୟ କର୍ମ କରିବା ଦ୍ୱାରା ତୁମେ ପାପକୁ ପ୍ରାପ୍ତ ହେବ ନାହିଁ ।

ପୁଣି ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି –

ଯତ୍‌କରୋଷି ଯଦଶ୍ନାସି
ଯଜ୍ଜୁହୋଷି ଦଦାସି ଯତ୍ ।
ଯଉପସ୍ୟସି କୌନ୍ତେୟ
ତତ୍‌କୁରୁଷ୍ୱ ମଦର୍ପଣମ୍ ।।
ଶୁଭାଶୁଭଫଳୈରେବଂ
ମୋକ୍ଷ୍ୟସେ କର୍ମବନ୍ଧନୈଃ ।
ସଂନ୍ୟାସ ଯୋଗଯୁକ୍ତାତ୍ମା ବିମୁକ୍ତୋ
ମାମୁପୈଷ୍ୟସି ।।

ଅର୍ଥାତ୍ ହେ ଅର୍ଜୁନ ! ତୁମେ ଯେଉଁ କର୍ମ କରୁଛ, ଯାହା ଖାଉଛ, ଯେଉଁ ହବନ କରୁଛ, ଯେଉଁ ଦାନ ଦେଉଛି ଏବଂ ଯେଉଁ ତପ କରୁଛ, ସେ ସବୁ ମୋତେ ଅର୍ପଣ କର । ଏହି ପ୍ରକାର ଯେଉଁଥିରେ ସମସ୍ତ କର୍ମ ମୋତେ ଅର୍ଥାତ୍ ଭଗବାନଙ୍କୁ ଅର୍ପଣ ହୋଇଥାଏ- ଏପରି ସନ୍ନ୍ୟାସ ଯୋଗରେ ଯୁକ୍ତ ଚିତ୍ତଧାରୀ ହୋଇ ତୁମେ ଶୁଭାଶୁଭ ଫଳ ରୂପ କର୍ମବନ୍ଧନରୁ ମୁକ୍ତ ହୋଇଯିବ ଏବଂ ସେଥିରୁ ମୁକ୍ତ ହୋଇ ମୋତେ ହିଁ ପ୍ରାପ୍ତ ହେବ ।

ଏଣୁ ଭଗବାନ ସ୍ପଷ୍ଟ କରି କହିଛନ୍ତି ଯେ ଫଳର ପରିଣାମ ଚିନ୍ତା ନ କରି ଆମେ ନିଜର କର୍ତ୍ତବ୍ୟ କର୍ମ କରିଚାଲିବା ଏବଂ ନିଜର ପ୍ରତ୍ୟେକ କର୍ମକୁ, ଭଲା ତାହା ଭୌତିକ ଉପଲବ୍ଧକୁ ପାଇବା ପାଇଁ କରାଯାଉଥିବା କର୍ମ ହେଉ ଅଥବା ଆଧ୍ୟାତ୍ମିକ ଉପଲବ୍ଧ ହେତୁ କରାଯାଉଥିବା କର୍ମ, ସେସବୁ କର୍ମକୁ ଆମେ ଈଶ୍ୱରଙ୍କୁ ଅର୍ପଣ କରି ଚାଲିବା, ତାହାର ଫଳ ଓ ପରିଣାମକୁ ଅର୍ପଣ କରି ଚାଲିବା ।

ଏପରି କରିବା ଦ୍ୱାରା ଆମର ପ୍ରତ୍ୟେକ କର୍ମ ଅକର୍ମ ହୋଇଯିବ । ଆମର ପ୍ରତ୍ୟେକ କର୍ମ ନିଷ୍କାମ ହୋଇଯିବ ଏବଂ ଆମର କର୍ମ ସଂସ୍କାର ରହିତ ହୋଇଯିବ, ଯଦ୍ୱାରା ଆମର କୌଣସି କର୍ମ ଦ୍ୱାରା କର୍ମ ସଂସ୍କାର ରୂପୀ ବନ୍ଧନ ବିନିର୍ମିତ ହୋଇ ପାରିବ ନାହିଁ ।

ଆମେ ନିଜର ପ୍ରତ୍ୟେକ କର୍ମକୁ ନିଜ ପାଇଁ ନୁହେଁ, ବରଂ ଈଶ୍ୱରଙ୍କ ପାଇଁ କରାଯାଉଥିବା କର୍ମ ମାନି, ସ୍ୱୟଂକୁ ଅକର୍ତ୍ତା ମାନି, ସ୍ୱୟଂକୁ ଭଗବାନଙ୍କ ହାତର ଏକ ଯନ୍ତ୍ର, ଉପକରଣ ମାତ୍ର ମାନି କର୍ମ କରିଚାଲିବା । ସେତେବେଳେ ଆମ ଦ୍ୱାରା କରାଯାଉଥିବା ଏପରି ପ୍ରତ୍ୟେକ କର୍ମ ସ୍ୱତଃ ଈଶ୍ୱରଙ୍କୁ ଅର୍ପିତ ହୋଇଯିବ ।

ଆମର ପ୍ରତ୍ୟେକ କର୍ମ ପୂଜାର ପୁଷ୍ପ, ଫଳ, ଜଳ, ଅକ୍ଷତ ପରି ଭଗବାନଙ୍କୁ ଅର୍ପିତ ହେବାକୁ ଲାଗିବ । ଆମେ ନିଜର ପ୍ରତ୍ୟେକ କର୍ମ ଦ୍ୱାରା ଭଗବାନଙ୍କ ପୂଜା କରି କରିବା । ସେତେବେଳେ କର୍ତ୍ତବ୍ୟ କର୍ମ ସୁଚାରୁ ରୂପେ କରି ଚାଲିବା ଦ୍ୱାରା ମାନ-ଅପମାନ, ଲାଭ-କ୍ଷତି, ଜୟ-ପରାଜୟ, ନିନ୍ଦା – ପ୍ରଶଂସା ବିଷୟରେ ଆମର ଚିନ୍ତା ରହିବ ନାହିଁ । କର୍ମର ଅନୁକୂଳ ବା ପ୍ରତିକୂଳ ପରିଣାମ ମଧ ଆମକୁ ପ୍ରଭାବିତ କରି ପାରିବ ନାହିଁ । ଏହିପରି କରାଯାଉଥିବା କର୍ମକୁ ହିଁ କର୍ମଯୋଗ କୁହାଯାଏ । ଏପରି କର୍ମ ଦ୍ୱାରା ଆମକୁ ଭୌତିକ ଓ ଆଧ୍ୟାତ୍ମିକ, ଉଭୟ ଉପଲବ୍ଧି ପ୍ରାପ୍ତ ହେବ । କର୍ମ କରି କର୍ମଫଳର ଆକାଂକ୍ଷା ନ ରଖି, ଚିନ୍ତା ନ କରିବା, କୌଣସି ମନୁଷ୍ୟର ସହାୟତା କରି ତା'ଠାରୁ କୌଣସି ପ୍ରକାର କୃତଜ୍ଞତାର ଆଶା ନ କରିବା, କୌଣସି ସତ୍‌କର୍ମ କଲେ ମଧ ତାହା ଆମକୁ ଯଶ ଓ କୀର୍ତ୍ତି ଦେବ କି ନାହିଁ, ଆମକୁ ସଫଳତା ମିଳିବ କି ନାହିଁ, ଏଥିପ୍ରତି ଦୃଷ୍ଟି ନ ଦେବା – ଏହାହିଁ ନିଷ୍କାମ କର୍ମ ଏବଂ ନିଷ୍କାମ କର୍ମ ହିଁ କର୍ମଯୋଗ ।

ସ୍ୱାମୀ ବିବେକାନନ୍ଦ ବହୁତ ସୁନ୍ଦର କଥା କହିଛନ୍ତି ଯେ କର୍ତ୍ତବ୍ୟ କର୍ମ କରି, ସ୍ୱଦେଶ ଅଥବା ସ୍ୱଧର୍ମ ପାଇଁ ଯୁଦ୍ଧ କଲା ବେଳେ ଯଦି ମନୁଷ୍ୟର ମୃତ୍ୟୁ ହୋଇଯାଏ, ତେବେ ଯୋଗୀଜନ ଯେଉଁ ପରମ ପଦକୁ ଧ୍ୟାନ ଦ୍ୱାରା ପ୍ରାପ୍ତ କରିଥାନ୍ତି, ସେହି ପଦ ମନୁଷ୍ୟକୁ ତା'ର ସେହି କର୍ମ ଦ୍ୱାରା ପ୍ରାପ୍ତ ହୋଇଯାଏ ।

ଏଣୁ ଆମେ ଧୈର୍ଯ୍ୟ ପୂର୍ବକ ନିଜର କର୍ତ୍ତବ୍ୟ କର୍ମ କରୁଥିବା ଦରକାର । ଏହା ସହିତ ଆମେ ଉପନିଷଦର ଏହି ସନ୍ଦେଶ ମଧ ସଦାବେଳେ ସ୍ମରଣ ରଖିବା ଉଚିତ- ଉଠ, ଜାଗ୍ରତ ହୁଅ ଏବଂ ଯେପର୍ଯ୍ୟନ୍ତ ଲକ୍ଷ୍ୟ ସ୍ଥଳରେ ନ ପହଞ୍ଚିଛ, ସେପର୍ଯ୍ୟନ୍ତ ସଂଘର୍ଷ କରୁଥାଅ ।

## ଆଜିର ଚିନ୍ତନ

**ରା**ମଚନ୍ଦ୍ର ଶବରୀକୁ ନବଧା ଭକ୍ତି କହିବା ପ୍ରସଙ୍ଗରେ ପ୍ରଥମ ଭକ୍ତି - ସତ୍‌ସଙ୍ଗ ଉ ାପନ କରିଛନ୍ତି – ''ପ୍ରଥମ ଭଗତି ସଂତହ୍ନର ସଂଗା ।' ପ୍ରଭୁଙ୍କ ପ୍ରତି ପ୍ରେମ ଜାଗ୍ରତ କରିବା ପାଇଁ ପ୍ରଭୁପ୍ରେମୀ ସନ୍ଥସାଧୁଙ୍କ ସହ ସଙ୍ଗ କରିବା ଆବଶ୍ୟକ । ସତ୍ ସଙ୍ଗତି ପ୍ରଭୁପ୍ରେମ ଉଦୟ ହେବାର ପ୍ରମୁଖ ସାଧନ । ଭାରତୀୟ ଆଧ୍ୟାତ୍ମିକପୁରାଣ ସାହିତ୍ୟରେ ସତ୍‌ସଙ୍ଗ ସମ୍ପର୍କରେ ଭୁରି ଭୁରି ଉଲ୍ଲେଖ ରହିଛି । ଶ୍ରୀମଦ୍ ଭାଗବତ ଦ୍ୱିତୀୟ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ସତତିରିଶି ଶ୍ଳୋକରେ, ''ପିବନ୍ତି ଯେ ଭଗବତଃ ଆତ୍ମନଃ ସତାଂ କଥାମୃତଂ ଶ୍ରବଣ ପୁଟେଷୁ ସମ୍ଭୃତମ୍, ପୁନନ୍ତି ତେ ବିଷୟ ଦୁଷିତାଶୟଂ ବ୍ରଜନ୍ତି ତଚରଣ ସରୋରୁହାନ୍ତି କମ୍ । ସାଧୁଲୋକମାନେ ଆତ୍ମସ୍ୱରୂପ ଶ୍ରୀଭଗବାନଙ୍କ କଥାମୃତ ବିତରଣ କରୁଥାନ୍ତି । ଯେଉଁ ବ୍ୟକ୍ତି ନିଜ କର୍ଣ୍ଣ ଦ୍ୱୟରେ ସେହି କଥାମୃତ ପାନ କରେ, ତା'ର ହୃଦୟସ୍ଥ ବିଷୟବିଷର ପ୍ରଭାବ କ୍ରମେ ହ୍ରାସ ପାଇ ସେ ଶୁଦ୍ଧ ହୋଇ ଯାଇଥାଏ ଓ ଶ୍ରୀଭଗବାନଙ୍କ ପାଦପଦ୍ମର ସାନିଧ ଲାଭ କରେ । ଯେଉଁଠାରେ ସାଧୁ ସମାଜ ଶ୍ରୀଭଗବାନଙ୍କର ଗୁଣକୀର୍ତ୍ତନ କରନ୍ତି, ସେଠାରେ ଶୁଦ୍ଧ ଅମୃତର ନଦୀ ପ୍ରବାହିତ ହୋଇଥାଏ । 'ତସ୍ମିନ ମହାନ୍ ମୁଖରିତା ମଧୁଭିଚରିତ୍ର ପୀୟୁଷ ଶେଷସରିତଃ ପରିତଃ ସ୍ରବନ୍ତି ।' ଚ.ସ୍କନ୍ଦ । ପଞ୍ଚମ ସ୍କନ୍ଦରେ ରାଜା ରହୁଗଣଙ୍କୁ ଜଡ଼ଭରତ କହୁଛନ୍ତି, ବିରକ୍ତ ମହାପୁରୁଷଙ୍କ ସତ୍ସଙ୍ଗ ଦ୍ୱାରା ପ୍ରାପ୍ତଜ୍ଞାନ ଖଡ଼ଗ୍ ଦ୍ୱାରା ଜୀବର ଇହଜଗତର ମୋହବନ୍ଧନକୁ ଛେଦନ କରିବା ଉଚିତ । ପଞ୍ଚମ ସ୍କନ୍ଦ ଅଠର ଅଧ୍ୟାୟରେ, 'ଯତ୍ ସଙ୍ଗ ଲଟଂ ନିଜ ବୀର୍ଯ୍ୟ ବୈଭବଂ ତୀର୍ଥ ମୁହୁଃ ସଂସ୍କୃଶତାଂ ହିମାନସଂ ।'' ଭଗବାନଙ୍କର ଅସାଧାରଣ ଶକ୍ତି ଏବଂ ପ୍ରଭାବର ସୂଚନା ଦେଉଥିବା ଭଗବତ-ଭକ୍ତଙ୍କ ସଙ୍ଗ ଲାଭ କଲେ, ତୀର୍ଥ ଫଳ ଲାଭ ହୁଏ । କବୀର ସାହେବ କହନ୍ତି, ମାନବ ସମାଜରେ ସାଧୁ ସନ୍ଥଙ୍କ ସ୍ଥାନ ଅତି ଉଚ୍ଚରେ । ସାଧୁ ଶବ୍ଦର ଅର୍ଥ ହେଉଛି ଅତି ଉତ୍ତମ । ''କବୀର ସୋଇ ଦିନ ଭଲା ଦୋ ଦିନ ସାଧୁ ମିଲାୟ, ଅଂକ ଭତ୍ୟ ଭେଟିୟେ, ପାପ ଶରୀରା ଜାୟ''– ସାଧୁଙ୍କୁ ଭେଟିବା ଦିନଟି ହେଉଛି ଶୁଭଦିନ । ଭକ୍ତି ସହକାରେ ସମସ୍ତ ସଂଶୟ ତ୍ୟାଗ କରି ସାଧୁ ସଙ୍ଗ କଲେ - ପୂର୍ବକୃତ ସମସ୍ତ ପାପ ନଷ୍ଟ ହେଇଯାଏ । '' କବୀର ଦର୍ଶନ ସାଧୁକା, ବଢ଼େ ଭାଗ ଦରଶାୟ ।' ବଡ଼ ଭାଗ୍ୟ ବା ପୁଣ୍ୟରୁ ସନ୍ଥ ଦର୍ଶନ ହୁଏ । ସାଧୁ ଦର୍ଶନରେ ମନୁଷ୍ୟ ମୁକ୍ତି ପାଇଥାଏ । ଦୋ ହୋବୈ ଶୂଲୀ ସଜା, କାଂଟେ ଇଟରି ଜାୟ ।'' ସତ୍‌ସଙ୍ଗ ଫଳରେ ଶୂଳୀ ପରି ଦଣ୍ଡ ମଧ ଟଳିଯାଇ ଥାଏ । ଏଥିରୁ ଜଣାପଡ଼େ ସତ୍‌ସଙ୍ଗତି କେତେ ମୂଲ୍ୟବାନ ।

ବର୍ଷ ୨୭, ସଂଖ୍ୟା - ୫୨, ୨୪ - ୩୦ ଡିସେମ୍ବର ୨୦୨୩

# ଦାଦନ ବନ୍ଦ ହେବ କେବେ ?


**ଗୋ**ଟିଏ ରାଷ୍ଟ୍ର ହେଉ ଅବା ରାଜ୍ୟ ତା'ର ଅର୍ଥନୀତିକୁ ସୁଦୃଢ଼ କରିବାକୁ ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧିକରି ଆତ୍ମନିର୍ଭରଶୀଳ ହେବାକୁ ହେବ ଏବଂ ବଳକା ଉତ୍ପାଦକୁ ରପ୍ତାନି କରି ଆୟ ବୃଦ୍ଧି କରିବାକୁ ହେବ । ରପ୍ତାନି ମଧ୍ୟରେ ଯଦି ଆମେ ଆମର ମାନବ ସମ୍ବଳକୁ ଉପଯୋଗ ନ କରି ବିଦେଶକୁ ହେଉ ଅବା ଅନ୍ୟ ରାଜ୍ୟକୁ ରପ୍ତାନି କରିବା ତେବେ ବିଦେଶ ବା ଅନ୍ୟ ରାଜ୍ୟ ଆମ ମାନବ ସମ୍ବଳକୁ ଉପଯୋଗ କରି ଯେତେ ଉପକୃତ ହେବେ ଆମେ ସେତିକି ହେବା ନାହିଁ । ଆମ ମାନବ ସମ୍ବଳ ପାଉଥିବା ମଜୁରି ଅବା ବେତନର କିଛି ଭାଗ ଘରକୁ ପଠାନ୍ତି ; ଯାହା ନାମକୁ ମାତ୍ର, ସେମାନେ ଉତ୍ପାଦନ କରୁଥିବା ଉତ୍ପାଦର ମୁଖ୍ୟ ତୁଳନାରେ । ସୁତରାଂ ଏକ ରାଜ୍ୟ ଯଦି ବିକଶିତ ହେବ ତା'ର ମାନବ ସମ୍ବଳକୁ ନିୟୋଜିତ କରି ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନ କରି ନିଜର ଆଭ୍ୟନ୍ତରୀଣ ଆବଶ୍ୟକତା ମେଣ୍ଟାଇ ବଳକାକୁ ରପ୍ତାନି କରିବାକୁ ହେବ । ଏହାଦ୍ୱାରା ମଧ୍ୟ ବେକାରି ଦୂର ହେବ । ପ୍ରତ୍ୟେକ ପରିବାର ଆତ୍ମନିର୍ଭରଶୀଳ ହୋଇପାରିବ । ଦାରିଦ୍ର୍ୟ ହଟିବ । ନିକଟରେ ଏକ ଖବର ପ୍ରକାଶ ପାଇଛି ଯେ, ଧାନକଟା ପରେ ପରେ କାମଧନ୍ଦା ନ ପାଇ ନୂଆପଡ଼ା ଜିଲାରୁ ବାହାର ରାଜ୍ୟକୁ ଦାଦନର ସୁଅ ଛୁଟିଲାଣି ।

ନୂଆପଡ଼ା ସମେତ ପଡୋଶୀ ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, ସୁବର୍ଣ୍ଣପୁର ଜିଲାର ଅବସ୍ଥା ତଦ୍ରୁପ । ନୂଆପଡ଼ା ଜିଲାର ମୋଟ ୭ ଲକ୍ଷ ଲୋକଙ୍କ ମଧ୍ୟରୁ ୩୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୨ଲକ୍ଷ ଲୋକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲି ଯାଆନ୍ତି । ତୁଳନାତ୍ମକ ଭାବେ ନୂଆପଡ଼ା ଜିଲା ଗୋଟିଏ ଛୋଟ ଜିଲାରୁ ଯଦି ୨ ଲକ୍ଷ ଯାଆନ୍ତି ତେବେ ସାରା ଓଡ଼ିଶାରୁ ଅନ୍ୟୁନ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଦାଦନ ଖଟିବାକୁ ଯାଆନ୍ତି । ସେମାନେ କିପରି ହଇରାଣ ହରକତ ହୁଅନ୍ତି ଏବଂ ନାମକୁ ମାତ୍ର ମଣିଷ ରୂପେ ପ୍ରବାସରେ ରହନ୍ତି ତାହା ସମସ୍ତଙ୍କୁ ଜଣା । ଏହି ଦାଦନ ଶ୍ରମିକ କୋଭିଡ୍ ମହାମାରୀ ସମୟରେ କି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ ତାହା ଜଣା ।

୧୯୪୬ରୁ ୧୯୫୦ ମଧ୍ୟରେ ପ୍ରଥମ ସାଧାରଣ ନିର୍ବାଚନ ପୂର୍ବରୁ ଡ. ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଓଡ଼ିଶାରୁ ମଧ୍ୟବିତ୍ତକାଳୀନ ସରକାର ଗଢ଼ା ହୋଇଥିବା ଜାଣିବାକୁ ମିଳିଲା ସେହି ସରକାର ସ୍ୱାଧୀନୋତ୍ତର ଓଡ଼ିଶାର ବିକାଶ କିପରି ହୋଇ ଦାରିଦ୍ର୍ୟ ଓ ବେକାରି ହଟିବ ତା'ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି କାର୍ଯ୍ୟକାରୀ କରିଥିଲେ । କୃଷିର ବିକାଶ ପାଇଁ ହୀରାକୁଦ ନଦୀ ବନ୍ଧ ଯୋଜନା, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କେନ୍ଦ୍ରୀୟ ମଧୁର ମାଛ ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଥିଲା । ଏହା ସହିତ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରି ବେକାରଙ୍କୁ କାମ ଯୋଗାଇଦେବା ପାଇଁ ସ୍ଥାପନ ହୋଇଥିଲା ଓଡ଼ିଶା ଟେକ୍ସଟାଇଲ ମିଲ, କଳିଙ୍ଗ ଟ୍ୟୁବ୍ସ, ରାଜଗାଙ୍ଗପୁର, ବେଲପାହାଡ଼ରେ ରିଫ୍ରାକ୍ଟୋରିଜ, କଳିଙ୍ଗ ଆଇରନ ୱର୍କସ, ହୀରାକୁଦ ଆଲୁମିନିୟମ ପ୍ଲାଣ୍ଟ ଆଦି ଅନେକ ଛୋଟ ବଡ଼ ଶିଳ୍ପ । ଖଣିଜ ସମ୍ପଦର ସଦୁପଯୋଗରେ ଶିଳ୍ପ ବିସ୍ତାର ପାଇଁ ସ୍ଥାପନ ହେଲା ଓଡ଼ିଶା ମାଇନିଂ' କର୍ପୋରେଶନ ଇତ୍ୟାଦି । ସେତେବେଳେ ଓଡ଼ିଶାରେ ଶିଳ୍ପ ନ ଥିବାରୁ ଓଡ଼ିଶା ଲୋକେ କାମ ଧନ୍ଦା ନ ପାଇ ଆସାମ ଚା ବଗିଚାରେ ଶ୍ରମିକ ଭାବେ, କୋଲକାତାର ଚଟକଳରେ ଶ୍ରମିକ ଭାବେ କୋଲକାତାର ବଡ଼ବଜାରରେ ମୋଟିଆ ଭାବେ, ବଡ଼ବଡ଼ ମଠରେ କୃଷି ଶ୍ରମିକ ଭାବେ, ବଙ୍ଗାଳୀ ବାବୁଙ୍କ ଘରେ ଠାକୁର ନାମରେ ରୋଷେଇ କରି ପେଟ ପୋଷୁଥିଲେ । ସେତେବେଳେ ଏମାନଙ୍କୁ ସବୁ ଓଡ଼ିଆ କୁଲି କହୁଥିଲେ । ମହତାବଙ୍କୁ ଏହା ବାଧୁଥିଲା । ସୀମିତ ରାଜସ୍ୱ ମଧ୍ୟରେ ଓଡ଼ିଶାରେ ଶିଳ୍ପ ବିକାଶ କରି ନିଯୁକ୍ତି ସୁବିଧା ସୃଷ୍ଟି ହୋଇ ସେହି କାଳିମାକୁ ସାଧୀନୋତ୍ତର ଓଡ଼ିଶାରେ ଲିଭାଇବାକୁ କିପରି ହେବ ତା'ର ମୂଳଦୁଆ ପକାଇଥିଲେ । କିନ୍ତୁ ଦେଶ ସ୍ୱାଧୀନ ହେବାର ପଞ୍ଚସ୍ତରି ବର୍ଷ ବିତିଗଲା ଓଡ଼ିଶାର ଦାରିଦ୍ର୍ୟ କାଳିମା ଲିଭିଲା ନାହିଁ ।

ଏକ ଗଣତାନ୍ତ୍ରିକ ସରକାରର ପ୍ରଥମ କର୍ତ୍ତବ୍ୟ ହେଲା ଲୋକଙ୍କୁ ଖାଦ୍ୟରେ ଆତ୍ମନିର୍ଭରଶୀଳ କରିବା ଓ ଲୋକଙ୍କୁ କାମ ଯୋଗାଇବା । ଚାଉଳ ବ୍ୟତୀତ ଅନ୍ୟ ଖାଦ୍ୟ ସାମଗ୍ରୀ ପାଇଁ ଆମେ ପର ରାଜ୍ୟ ଉପରେ ନିର୍ଭର କରୁଛୁ । ଆମର ସମ୍ବଳ ଓ ସୁଯୋଗ ଥିଲେ ମଧ୍ୟ ଆମେ ନିଜ ରାଜ୍ୟରେ ଆମ ଲୋକଙ୍କୁ କାମ ଯୋଗାଇବା ପାଇଁ ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ସେବା କ୍ଷେତ୍ରରେ ବିକାଶ ନ କରି ଆମ ଲୋକଙ୍କୁ ପର ରାଜ୍ୟକୁ ଦାଦନ କରି ପଠାଉଛୁ । ଆଶା କରାଯାଉଥିଲା କୋଭିଡ୍ ପରେ ସାରା ରାଜ୍ୟରେ କେଉଁ କେଉଁ ଗାଁରୁ କେତେ ଜଣ କି କାମ କରିବାକୁ କେଉଁ କେଉଁ ରାଜ୍ୟକୁ ଯାଉଛନ୍ତି ତା'ର ସର୍ଭେ କରି ଏକ ରିପୋର୍ଟ ପ୍ରସ୍ତୁତ ହେବ । ସେହି ରିପୋର୍ଟକୁ ଆଧାର କରି ଅନ୍ତତଃ ତିନି ବର୍ଷ ମଧ୍ୟରେ ତାଙ୍କୁ ନିଯୁକ୍ତି ଦେବା ପାଇଁ ଶିଳ୍ପ, ବାଣିଜ୍ୟ ସେବା କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବେ । ବାହାରେ କାମ କରୁଥିବା ବାଦନମାନେ ପର୍ଯ୍ୟାୟକ୍ରମେ ଫେରିଆସି ନିଜ ଘରେ ରହି ଅବା ଘର ପାଖରେ ରହି ନିଯୁକ୍ତି ପାଇବେ । ନିଜ ବୃଦ୍ଧ ବାପ ମା'ଙ୍କ ସେବା କରିବେ ଓ ପିଲାମାନଙ୍କର ପାଠପଢ଼ାର ଯତ୍ନ ନେବେ । କିନ୍ତୁ କାହିଁ ସେ ବିଷୟରେ ଚିନ୍ତା ଭାବନା ନାହିଁ । ଦାଦନ ସମସ୍ୟା କିପରି ଦିନକୁ ଦିନ ଗୁରୁତର ହେବାକୁ ଯାଉଛି ଏବେ ନୂଆପଡ଼ା ଜିଲାର ଦାଦନ ସମସ୍ୟା ସମ୍ବନ୍ଧରେ ପ୍ରକାଶ ପାଇଥିବା ଖବର ତା'ର ସୂଚନା ଦିଏ । ବଡ଼ ଦୁଃଖ ଓ ପରିତାପର ବିଷୟ ହେଉଛି, ଦାଦନ ସମସ୍ୟା ଏକ ଗୁରୁତର ଅର୍ଥନୈତିକ ଓ ସାମାଜିକ ସମସ୍ୟା ହୋଇଥିଲେ ବି ସେଥି ପ୍ରତି ସମୁଚିତ ଦୃଷ୍ଟି ଦିଆଯାଉନାହିଁ ଏବଂ ତାହାଠାରୁ କୌଣସି ଗୁଣରେ କମ୍ ଦୁଃଖର କଥା ନୁହେଁ ବିରୋଧୀ ଦଳମାନେ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଶ୍ରମିକ ସଙ୍ଗଠନମାନେ ଏବଂ ବୁଦ୍ଧିଜୀବୀ ଗୋଷ୍ଠୀ ଯେଉଁ ଢଙ୍ଗରେ ଏହି ପ୍ରସଙ୍ଗଟିକୁ ଉତ୍ଥାପନ କରିବା କଥା ତାହା କରି ନାହାନ୍ତି ।

ଆଜି ଓଡ଼ିଶା ଖଣିଖାଦାନର ଭରପୂର ହୋଇ ମଧ୍ୟ ଆମ ଓଡ଼ିଆ ଯୁବ ସମାଜ ରାଜ୍ୟରେ କାମ ନ ପାଇ ଦାଦନ ହୋଇ ଅନ୍ୟ ରାଜ୍ୟରେ ଖଟୁଛି ପେଟ ଚାଖଣ୍ଡକ ପାଇଁ । ଏହାଠାରୁ ବିଡ଼ମ୍ବନା ଆଉ କ'ଣ ଥାଇ ପାରେ । ଯଥାଶୀଘ୍ର ଦାଦନ ସର୍ଭେ କରି ପରରାଜ୍ୟରେ ଦାଦନ ଖଟୁଥିବା ଲୋକଙ୍କୁ ଫେରାଇ ଆଣି ଏଠି ନିଯୁକ୍ତି ବ୍ୟବସ୍ଥା କରାଯିବା ଦରକାର । ଓଡ଼ିଶା ଅର୍ଥନୀତିକୁ ସମୃଦ୍ଧ କରି ଓଡ଼ିଆଙ୍କୁ ଆତ୍ମନିର୍ଭରଶୀଳ କରି ଓଡ଼ିଆଜାତିର ଅସ୍ମିତା ଫେରାଇ ଆଣିବା ଆବଶ୍ୟକ ।



# ପ୍ରାକୃତିକ ବିପର୍ଯ୍ୟୟ

## ମହାତ୍ମା ଗାନ୍ଧୀ

**ସ**ଭ୍ୟ ଓ ଆଦିମ ସମଗ୍ର ପୃଥିବୀ ସହିତ ଏହି ବିଶ୍ୱାସରେ ମୁଁ ଅବଶ୍ୟ ଏକମତ ହେବ ଯେ, ବିହାରର ଭୂମିକମ୍ପ ପରି ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ମନୁଷ୍ୟମାନଙ୍କ ପାପଲାଗି ସେମାନଙ୍କୁ ଭର୍ତ୍ସନା କରିବାର ରୂପରେ ହିଁ ସେମାନଙ୍କ ଉପରେ ଆସି ପଡ଼ିଥାଏ । ଏହି ବିଶ୍ୱାସଟି ଯେତେବେଳେ ହୃଦୟ ଭିତରୁ ଆସୁଥାଏ, ସେତେବେଳେ ମନୁଷ୍ୟମାନେ ପ୍ରାର୍ଥନା କରନ୍ତି, ଅନୁତାପ କରନ୍ତି ଓ ନିଜକୁ ବିଶୁଦ୍ଧ କରିଦିଅନ୍ତି ।

ଭଗବାନଙ୍କର ଅଭିପ୍ରାୟ ବିଷୟରେ ମୋ'ର କେବଳ ଏକ ସୀମିତ ଜ୍ଞାନ ରହିଛି । ଏହିସବୁ ବିପର୍ଯ୍ୟୟ କଦାପି ଦେବତାଙ୍କର କିମ୍ବା ପ୍ରକୃତିର କେବଳ ଗୋଟିଏ ଖିଆଲରୂପେ ପୃଥିବୀକୁ ଆସେନାହିଁ । ଗ୍ରହମାନେ ଯେପରି ସେମାନଙ୍କର ଗତିକୁ ନିୟନ୍ତ୍ରଣ କରୁଥିବା ବିଧାନଗୁଡ଼ିକୁ ପାଳନ କରି ଯାତାୟତ କରୁଛନ୍ତି, ସେହି ବିପର୍ଯ୍ୟୟଗୁଡ଼ିକ ମଧ୍ୟ ସେହିପରି ନିର୍ଦ୍ଦିଷ୍ଟ ନିୟମଗୁଡ଼ିକୁ ପାଳନ କରନ୍ତି । କେବଳ ଆମକୁ ହିଁ ସେହିସବୁ ଘଟଣାକୁ ପରିଚାଳିତ କରୁଥିବା ବିଧାନଗୁଡ଼ିକ ବିଷୟରେ କିଛି ଜଣା ନଥାଏ ଏବଂ ସେହି କାରଣରୁ ସେଗୁଡ଼ିକୁ ଆମେ ବିପର୍ଯ୍ୟୟ ଅଥବା ବିଘ୍ନ ବୋଲି କହିଥାଉ ।

ସ୍ତ୍ରୀ ଲୋକମାନେ କାଚରେ ତିଆରି ଯେଉଁ ଚୁଡ଼ି ପିନ୍ଧନ୍ତି, ଆମର ଏହି ପାର୍ଥିବ ଜୀବନ ତାହାଠାରୁ ବି ଅଧିକ ଭଙ୍ଗୁର । ବାକ୍ସରେ ବନ୍ଦ କରି ରଖୁଦେଲେ ଏବଂ ସେଗୁଡ଼ିକୁ କେହି ସ୍ପର୍ଶ ନକଲେ କାଚର ଚୁଡ଼ିକୁ ତୁମେ ହଜାର ବର୍ଷ ପର୍ଯ୍ୟନ୍ତ ସେହିପରି ରଖିପାରିବ । ମାତ୍ର, ଏହି ପାର୍ଥିବ ଜୀବନ ଏତେ ଅସ୍ଥିର ଯେ, ତାହା ନିମିଷକ ମଧ୍ୟରେ କୁଆଡ଼େ ବିଲୁପ୍ତ ହୋଇଯାଇ ପାରିବ । ତେଣୁ, ଆମର ନିଃଶ୍ୱାସ ଯାଉଥିବା ପର୍ଯ୍ୟନ୍ତ ଚାଲ ଆମେ ଉଚ୍ଚ ଓ ନୀଚର ଯାବତୀୟ ଭେଦରୁ ମୁକ୍ତ ହୋଇ ଆସିବା, ନିଜ ନିଜର ହୃଦୟକୁ ଶୁଦ୍ଧ କରିଦେବା ଏବଂ ଯେତେବେଳେ ସାଧାରଣ କାଳସ୍ରୋତ ମଧ୍ୟରେ ଏକ ଭୂମିକମ୍ପ, ବା ଆଉ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଅଥବା ମୃତ୍ୟୁ ମଧ୍ୟ ଆମକୁ ନେଇ ଯିବାକୁ ଆସିବ, ଆମେ ସେତେବେଳେ ଆମ ପରମକର୍ତ୍ତାଙ୍କର ସମ୍ମୁଖୀନ ହେବାଲାଗି ପ୍ରସ୍ତୁତ ହୋଇ ରହିବା ।

ପ୍ରତ୍ୟେକ ପ୍ରାକୃତିକ ବିପର୍ଯ୍ୟୟର ପଶ୍ଚାତରେ ଏକ ଦିବ୍ୟ ଅଭିପ୍ରାୟ ଅବଶ୍ୟ ରହିଥାଏ । ବର୍ତ୍ତମାନ ଗ୍ରହଣ ଏବଂ ପରାଗର କ୍ଷେତ୍ରରେ ଯେପରି ହୋଇପାରୁଛି, ଭୂମିକମ୍ପ ଗୁଡ଼ିକ କେତେବେଳେ ଘଟିବ, ଦିନେ ବିଜ୍ଞାନ ଅଧିକ ପରିପୂର୍ଣ୍ଣତା ଲାଭ କରି ଆମକୁ ଆଗରୁ ସେକଥା କହିଦେଇ ପାରିବା ମଧ୍ୟ ବେଶ୍ ସମ୍ଭବ ହୋଇଯିବ । ମନୁଷ୍ୟର ମନଲାଗି ତାହା ଆଉ ଏକ ବିଜୟ ହୋଇ ରହିବ । ମାତ୍ର, ଏହିସବୁ ବିଜୟକୁ ଆମେ ଅନନ୍ତ ଗୁଣ ଅଧିକ ସଂଖ୍ୟାରେ ହାସଲ କଲେ ମଧ୍ୟ ତାହାର ଆତ୍ମାର ପରିଶୁଦ୍ଧି କଦାପି ଆସି ଯିବନାହିଁ ଏବଂ, ଏହି ପରିଶୁଦ୍ଧି ବ୍ୟତୀତ କୌଣସି ବସ୍ତୁର ଆଦୌ କୌଣସି ମୂଲ୍ୟ ଅଛି ବୋଲି କହି ହେବନାହିଁ । ଯେଉଁ ବ୍ୟକ୍ତିମାନେ ଅନ୍ତର୍ଗତ ଶୁଦ୍ଧୀକରଣର ଆବଶ୍ୟକତାକୁ ବୁଝୁଛନ୍ତି, ମୁଁ ସେମାନଙ୍କୁ ଏହି ପ୍ରାର୍ଥନାରେ ଯୋଗ ଦେବାଲାଗି ଅନୁରୋଧ କରୁଛି, ଯେପରିକି ସେଗୁଡ଼ିକ ଆମକୁ ନମ୍ର କରିଦେଇ ପାରିବ ଓ ଯେତେବେଳେ ଡାକରା ଆସିବ, ସେତେବେଳେ ସେହି ପରମକର୍ତ୍ତାଙ୍କର ସମ୍ମୁଖୀନ ହେବାଲାଗି ଆମେ ପ୍ରସ୍ତୁତ ହୋଇ ପାରିବା ଏବଂ ଯେପରିକି, ଯେଉଁ ମନୁଷ୍ୟମାନେ ଏହି ଦୁଃଖଭୋଗର ସମ୍ମୁଖୀନ ହୋଇଛନ୍ତି, ସେମାନେ ଯିଏ ହୋଇଥାନ୍ତୁ ପଛକେ, ଆମେ ସେମାନଙ୍କର ଦୁଃଖରେ ସମଭାଗୀ ହେବାକୁ ସର୍ବଦା ପ୍ରସ୍ତୁତ ରହି ପାରିବ ।

ଈଶ୍ୱରଙ୍କର ହଜାରେ ନାମ ରହିଛି, ବରଂ ଏପରି କହିହେବ ଯେ ସେ ହେଉଛନ୍ତି ସକଳ ନାମର ଅତୀତ । ଆମକୁ ତାଙ୍କର ଯେଉଁ ନାମ ଭଲ ଲାଗିବ, ଆମେ ତାଙ୍କୁ ସେହି ନାମରେ ଅବଶ୍ୟ ପୂଜା କରିପାରିବା ଓ ତାଙ୍କର ପ୍ରାର୍ଥନା କରିପାରିବା । କେହି ତାଙ୍କୁ ରାମ କହନ୍ତି, କେହି କୃଷ୍ଣ କହନ୍ତି, ଅନ୍ୟମାନେ ରହିମ ବୋଲି କହନ୍ତି, ଆହୁରି ଅନ୍ୟମାନେ ଈଶ୍ୱର ବୋଲି ଡାକନ୍ତି । ସମସ୍ତେ ସେହି ଗୋଟିଏ ସାରବସ୍ତୁର ଉପାସନା କରନ୍ତି ମାତ୍ର, ଯେପରି ସବୁ ପ୍ରକାରର ଖାଦ୍ୟ ସମସ୍ତଙ୍କ ପେଟକୁ ଯାଏନାହିଁ, ସେହିପରି ସବୁ ନାମ ମଧ୍ୟ ସମସ୍ତଙ୍କୁ ଆକର୍ଷଣ କରେନାହିଁ । ପ୍ରତ୍ୟେକ ମନୁଷ୍ୟ ନିଜର ସଂସ୍କାର ଅନୁସାରେ ନାମଟିଏ ବାଛିନିଏ ; ଏବଂ, ଈଶ୍ୱର ଆମ ଭିତରେ ରହିଥିବାରୁ, ସର୍ବଶକ୍ତିମାନ୍ ଓ ସର୍ବଜ୍ଞାତା ହୋଇଥିବାରୁ ଆମର ଅନ୍ତର୍ଗତତମ ଭାବଗୁଡ଼ିକୁ ଅବଶ୍ୟ ଜାଣିପାରନ୍ତି ଏବଂ ଆମର କରଣିଗୁଡ଼ିକ ଅନୁସାରେ ଆମକୁ ଉତ୍ତର ଦେଇଥାନ୍ତି ।


ତେଣୁ, ଉପାସନା ବା ପ୍ରାର୍ଥନାକୁ ଆମେ କେବଳ ଓଠ ଉପରେ କରିବାନାହିଁ, ସେଗୁଡ଼ିକୁ ଆମେ ଆମ ହୃଦୟ ଭିତରୁ ହିଁ କରିବା । ତେଣୁ ଜଣେ ମୂକ ବା ଖନା ମଧ୍ୟ ତାହାକୁ କରିପାରିବ, ଜଣେ ଅଜ୍ଞାନ ଅଥବା ନିର୍ବୋଧ ମଧ୍ୟ କରିପାରିବ । ଯେଉଁମାନଙ୍କର ଜିଭରେ ଅମୃତ କିନ୍ତୁ ହୃଦୟରେ ବିଷ ଭର୍ତ୍ତି ହୋଇ ରହିଥିବ, ସେମାନଙ୍କର ପ୍ରାର୍ଥନା କଦାପି ଭଗବାନଙ୍କର କାନରେ ବାଜିବନାହିଁ । ତେଣୁ, ଯିଏ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଇଚ୍ଛା କରୁଛି, ତାକୁ ନିଜର ହୃଦୟକୁ ଅବଶ୍ୟ ଶୁଦ୍ଧ କରିଦେବାକୁ ପଡ଼ିବ ।

ରାମ କେବଳ ହନୁମାନର ତୁଣ୍ଡରେ ନଥିଲେ, ସେ ତା'ର ହୃଦୟ ସିଂହାସନରେ ଆସୀନ ହୋଇ ରହିଥିଲେ । ସେ ହନୁମାନଙ୍କୁ ଆଶ୍ରାର ଶକ୍ତି ପ୍ରଦାନ କରିଥିଲେ । ରାମଙ୍କର ଶକ୍ତିଦ୍ୱାରା ହିଁ ହନୁମାନ ପର୍ବତ ଆଣି ପାରିଥିଲା ଓ ସମୁଦ୍ରକୁ ଅତିକ୍ରମ କରି ପାରିଥିଲା ।

ଭଗବାନ ଯେଉଁପରି ହୋଇଥିବେ ବୋଲି ମୁଁ ବିଶ୍ୱାସ କରେ, ମୁଁ ଅବିକଳ ସେହିପରି ଭାବରେ ହିଁ ତାଙ୍କ ବିଷୟରେ ଯାହାକିଛି କହେ ।... ମୁଁ ତାଙ୍କୁ ସୃଷ୍ଟିଶୀଳ ଓ ଅସୃଷ୍ଟିଶୀଳ ଉଭୟ ବୋଲି ବିଚାର କରେ । ସତ୍ୟର ବହୁବିଧତ୍ୱ ସିଦ୍ଧାନ୍ତକୁ ମୁଁ ଗ୍ରହଣ କରି ନେଇଥିବା ଫଳରେ ମୁଁ ଏପରି ମଧ୍ୟ କରିଥାଏ । ଜୈନମତର ମଞ୍ଚ ଉପରୁ ମୁଁ ଈଶ୍ୱରଙ୍କର ଅସୃଜନଶୀଳ ଦିଗଟିକୁ ପ୍ରମାଣ କରେ ଓ ରାମାନୁଜ-ମତର ମଞ୍ଚରୁ ତାଙ୍କର ସୃଜନଶୀଳ ଦିଗଟିକୁ ପ୍ରମାଣିତ କରେ । ବସ୍ତୁତଃ ଆମେ ସମସ୍ତେ ଯିଏ ଭାବନାର ଅତୀତ ହୋଇ ରହିଛନ୍ତି, ତାଙ୍କରି ବିଷୟରେ ଭାବୁଛୁ ଓ ଯିଏ ବର୍ଣ୍ଣନାର ଅତୀତ ହୋଇ ରହିଛନ୍ତି, ତାଙ୍କୁ ବର୍ଣ୍ଣନା କରୁଛୁ । ଯିଏ ଅଜ୍ଞାତ ହୋଇ ରହିଛନ୍ତି, ତାଙ୍କୁ ଜାଣିବାଲାଗି ଚେଷ୍ଟା କରୁଛୁ ସେହି କାରଣରୁ ହିଁ ଆମର ତୁଣ୍ଡ ଭୁଲ କରି ପକାଉଛି, ଅତ୍ୟନ୍ତ ଅଯଥେଷ୍ଟ ବୋଲି ପ୍ରମାଣିତ ହୋଇଯାଉଛି ଓ ଏପରିକି ଅନେକ ସମୟରେ ପରସ୍ପର-ବିରୋଧୀ ମଧ୍ୟ ହୋଇ ପଡୁଛି । ସେଥିାଇଁ ବେଦରେ ବ୍ରହ୍ମଙ୍କୁ 'ନେତି' 'ନେତି' ବୋଲି ବର୍ଣ୍ଣନା କରାଯାଇଛି ।

ମୋ' ମତରେ ରାମ, ରହମନ୍, ହହୁରମଜ୍‌ଧ, ଭଗବାନ ଅଥବା କୃଷ୍ଣ - ଏହିସବୁରେ ସାହାଯ୍ୟରେ ମନୁଷ୍ୟ ସକଳ ଶକ୍ତି ମଧ୍ୟରେ ବୃହତ୍ତମ ସେହି ଅଦୃଶ୍ୟ ଶକ୍ତିକୁ କୌଣସି ଗୋଟିଏ ନାମ ଦେବାକୁ ଚେଷ୍ଟା କରିଛି । ମନୁଷ୍ୟ ଯେତେ ଅପୂର୍ଣ୍ଣ ହୋଇଥିଲେ ମଧ୍ୟ ଅବିରାମ ଭାବରେ ପୂର୍ଣ୍ଣତା ଲାଗି ଉଦ୍ୟମ କରିବାର ପ୍ରବୃତ୍ତିଟି ତା' ଭିତରେ ସହଜାତ ହୋଇ ରହିଛି । ଏହି ଉଦ୍ୟମରେ ଦିବାସ୍ୱପ୍ନ ଭିତରକୁ ମଧ୍ୟ ତା'ର ଗୋଡ଼ ଖସିଯାଉଛି । ଠିକ୍ ଯେଉଁଭଳି କୌଣସି ଶିଶୁ ଠିଆ ହେବାକୁ ଚେଷ୍ଟା କରୁଥାଏ, ବାରମ୍ବାର ପଡ଼ି ଯାଉଥାଏ ଏବଂ ପରିଶେଷରେ ଚାଲିବା ଶିଖିଯାଏ, ଠିକ୍ ସେହିପରି ମଣିଷ ତା'ର ସମସ୍ତ ବୁଦ୍ଧି ସତ୍ତ୍ୱେ ଅନନ୍ତ ତଥା କାଳାତୀତ ଭଗବାନଙ୍କର ତୁଳନାରେ କେବଳ ଶିଶୁଟିଏ ହୋଇ ରହିଥାଏ । ଏପରି କହିବା ଏକ ଅତିରଞ୍ଜନ ପରି ମନେ ହୋଇପାରେ, ମାତ୍ର ଏହା ଅତିରଞ୍ଜନ ମୋଟେ ନୁହେଁ । କେବଳ ଆପଣାର ଅଳ୍ପବଳ ଓ ଦରିଦ୍ର ଭାଷାଟିରେ ହିଁ ମନୁଷ୍ୟ ଭଗବାନଙ୍କର ବର୍ଣ୍ଣନା କରିପାରେ ।

# ସ୍ୱର୍ବେଦ




**ଜୀଓ୍ୱ ପ୍ରେମ ପ୍ରଭୁ ମେଁ କରେ,**
**ଉତନେ ପ୍ରଭୁ କର ହୋୟ ।**
**କୃପାଦୃଷ୍ଟି ପ୍ରଭୁ ଜାହି ପର, ଜଗତ**
**ପ୍ରେମ କର ସୋୟ ॥୭୬॥**

ଭାଷ୍ୟ - ଜୀବ ପ୍ରଭୁଙ୍କୁ ଯେତିକି ପ୍ରେମ କରିଥାଏ, ତାହାକୁ ସେତିକି ପ୍ରେମ ପ୍ରଭୁ ମଧ୍ୟ କରିଥାନ୍ତି । ଯେଉଁ ଭକ୍ତ ଉପରେ ପ୍ରଭୁକୃପା ରହିଥାଏ, ତାକୁ ସଂସାରର ସମସ୍ତେ ପ୍ରେମ କରିଥାନ୍ତି ।

**କର୍ମ ଫଲେ ଚିରକାଲ ମେଁ,**
**ପ୍ରେମ ସଦ୍ୟ ଫଲ ଦେୟ ।**
**ଜୈଁୟା ଜୈଁୟା ପ୍ରେମ ବଢ଼ାଓ୍ୱ ହୈଁ,**
**ତୈଁୟା ତୈଁୟା ଫଲ ସୁଖ ଲେୟ**
**॥୭୭॥**

ଭାଷ୍ୟ - ଜପ, ତପ, ଦାନ ଏବଂ ବ୍ରତର ଫଳ ଚିରକାଳରୁ ପ୍ରାପ୍ତ ହୋଇଆସିଛି ଏବଂ ଯେତେବେଳେ ପରମେଶ୍ୱରଙ୍କ ଠାରେ ପ୍ରୀତି ଲାଗିଯାଏ, ସେହି ସମୟରୁ ତାହାର ଫଳ ମିଳିବାରେ ଲାଗେ । ଯେଉଁ ପ୍ରକାର ପ୍ରେମ ବୃଦ୍ଧି ପାଇବାରେ ଲାଗେ, ଠିକ୍ ସେହିପରି ତାହାର ଫଳସୁଖ ମଧ୍ୟ ସମୃଦ୍ଧ ହେବାରେ ଲାଗେ । ଅତଏବ ସମସ୍ତ କାମନାକୁ ତ୍ୟାଗକରି ଈଶ୍ୱରଙ୍କୁ ଶୁଦ୍ଧ ଭାବରେ ପ୍ରେମ କରିବା ଉଚିତ ।

**ଈଶ୍ୱର କୀ ଅଓ୍ୱରାଧନା, ମିଲେ**
**ଚାର ଫଲ ଆୟ ।**
**ଅର୍ଥ ଧର୍ମ ଅରୁ କାମ ହୈଁ, ମୋକ୍ଷ**
**ମହାସୁଖ ପାୟ ॥୭୮॥**

ଭାଷ୍ୟ - ଈଶ୍ୱରଙ୍କର ଉପାସନାରୁ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରାପ୍ତ ହୋଇଥାଏ । କେବଳ ଈଶ୍ୱର ହିଁ ଚତୁର୍ବର୍ଗ ଫଳ ପ୍ରଦାନ କରିଥାନ୍ତି ।

**ମାୟା ମୁଞ୍ଚନ କେ ଲିୟେ, ଏକ**
**ାମୂଲ୍ୟ ଉପାୟ ।**
**ଗୁରୁ ସେଓ୍ୱା ପ୍ରଭୁ ଭଜନ ହୈଁ,**
**କ୍ରମ ସେ ଛୂଟ ଅପାୟ ॥୭୯॥**

ଭାଷ୍ୟ - ମାୟାରୁ ମୁକ୍ତି ନିମନ୍ତେ ଏକମାତ୍ର ଅମୂଲ୍ୟ ଉପାୟ ସଦ୍‌ଗୁରୁ ସେବା ଓ ମହାପ୍ରଭୁଙ୍କର ଭଜନ ଅଟେ । ଯେଉଁ ପ୍ରକାର ପ୍ରଭୁଙ୍କର ଭଜନ ହୋଇଥାଏ, ଠିକ୍ ସେହିପରି ଧୀରେ ଧୀରେ ମାୟା ଛାଡ଼ିବାରେ ଲାଗେ ଆଉ ଜ୍ଞାନ ଆଏ ଆନନ୍ଦ ପ୍ରାପ୍ତ ହେବାରେ ଲାଗେ । ଏତଦ୍ ଭିନ୍ନ ମାୟାରୁ ମୁକ୍ତି ପାଇଁ ଅନ୍ୟ କୌଣସି ଉପାୟ ନାହିଁ । ଅତଏବ ସଦ୍‌ଗୁରୁ ଶରଣରେ ରହି ପ୍ରଭୁଙ୍କର ଭଜନ କରିବା ଉଚିତ ।

**ଗୁହା ଦେଶୋ ଦିଶି ବ୍ୟୋମ ହୈଁ,**
**ନିକଲେ ଦ୍ୱାର ସମାୟ ।**
**ୱୈସେ ସୁଷ୍ମନ ଦ୍ୱାର ହୈଁ, ଚଢ଼ତ**
**ଚଢ଼ତ ଚଢ଼ି ଜାୟ ॥୮୦॥**

ଭାଷ୍ୟ - ଗୁମ୍ଫାର ଚତୁର୍ଦ୍ଦିଗରେ ଆକାଶ ପରିବ୍ୟାପ୍ତ, କିନ୍ତୁ ସେଠାରୁ ବାହାରିବାର ଏକମାତ୍ର ଦ୍ୱାର ଅଛି । ସୁଷ୍ମନ ଦ୍ୱାର ଠିକ୍ ସେହିପରି । ସେହି ମାର୍ଗରେ ସଦ୍‌ଗୁରୁ ବିଦ୍ୱାନ୍ ଦ୍ୱାରା ପ୍ରାଣକୁ ଆରୋହଣ କରିବା ପରେ ନିଜ ଲକ୍ଷ୍ୟରେ ସାଧନ ପହଞ୍ଚିଯାଏ ।

**ବନ୍ଧ କର୍ମ ଜଡ଼ କରଣ ସେ, ଭଚ୍ଛି**
**ମୁଚ୍ଛି ନିଜ ଜ୍ଞାନ ।**
**ଶୁଦ୍ଧ କରଣ କୀ ସାଧନା,**
**ଚେତନ ସୁଖ ଫଲ ଜାନ ॥୮୧॥**

ଭାଷ୍ୟ - ଜଡ଼ କରଣଗୁଡ଼ିକର କର୍ମରୁ ଜୀବ ବନ୍ଧନରେ ପଡ଼ିଥାଏ ଆଉ ନିଜ ଚେତନ କରଣର ସାଧନାରୁ ଭକ୍ତି କରି ଜନ୍ମ ମରଣରୁ ମୁକ୍ତ ହୋଇଥାଏ । ଚେତନ ଶୁଦ୍ଧ କରଣରୁ ଭକ୍ତି ସାଧନା ଦ୍ୱାରା ହିଁ ଚେତନ ପରମ ସୁଖର ପ୍ରାପ୍ତି ହୋଇଥାଏ ।

**ଦିବ୍ୟ ଦୃଷ୍ଟି କେ ଖୁଲତେ, ହୋୟ**
**ଦିବ୍ୟ ପରକାଶ ।**
**ସର୍ଓ୍ୱ ତତ୍ତ୍ୱ ପରତ୍ୟେକ୍ଷ ହୈଁ,**
**ଅନୁଭଓ୍ୱ ସତ୍ୟ ଓ୍ୱିକାଶ ॥୮୨॥**

ଭାଷ୍ୟ - ଅନ୍ତର୍ଦୃଷ୍ଟି ଖୋଲିବା ମାତ୍ରେ ଚେତନ ଦିବ୍ୟ ପ୍ରକାଶ ଉଦୟ ହୋଇଥାଏ, ଯାହା ଦ୍ୱାରା ସମସ୍ତ ତତ୍ତ୍ୱ ପ୍ରତ୍ୟକ୍ଷ ହୋଇଯାଆନ୍ତି ଓ ସତ୍ୟ, ନିର୍ଭ୍ରାନ୍ତ ଅନୁଭବ ଜ୍ଞାନ ପ୍ରାପ୍ତ ହୋଇଥାଏ ।

**ଜ୍ଞାନ ଉଦୟ ଅଭ୍ୟାସ ସେ,**
**ଚେତ ଶିଖା ପରଚଣ୍ଡ ।**
**ଜଡ଼ ଚେତନ ସନମୁଖ ରହୈଁ,**
**ମହିମା ଶବ୍ଦ ଅଖଣ୍ଡ ॥୮୩॥**

ଭାଷ୍ୟ - ଅଖଣ୍ଡ ସତ୍ ପୁରୁଷଙ୍କର ମହିମାରୁ ଯୋଗାଭ୍ୟାସ ଦ୍ୱାରା ଚେତନ ପ୍ରଦୀପ୍ତ ଜ୍ୟୋତି ପ୍ରକଟ ହୋଇଥାଏ ଯେଉଁଥିରେ ଆତ୍ମାକୁ ସମସ୍ତ ତତ୍ତ୍ୱଗୁଡ଼ିକର ନିର୍ଭ୍ରାନ୍ତ ଜ୍ଞାନ ହୋଇଥାଏ । ଆତ୍ମା ନିଜର ଶକ୍ତିକୁ ଜଡ଼ ଚେତନ କୌଣସି ମଧ୍ୟ ତତ୍ତ୍ୱ ଆଡ଼କୁ ଲାଗେ, ତାହାକୁ ନିର୍ଭ୍ରାନ୍ତ, ସ୍ପଷ୍ଟ ଜ୍ଞାନ ପ୍ରକଟ ହୋଇଥାଏ ।

**ଅକ୍ଷର ଅନହଦ ଶବ୍ଦ ସବ,**
**ବୋଲ ରାଗ ଭୟ ଜାହି ।**
**ଇନ ସବହିନ କା ସାର ହୈଁ,**
**ସାର ଶବ୍ଦ କହ ତାହି ॥୮୪॥**

ଭାଷ୍ୟ - ଅକ୍ଷର ଅନହଦ ଏବଂ ସମସ୍ତ ବାଣୀମାନଙ୍କର ଆଧାର, ସମସ୍ତଙ୍କର ସାର, ମୂଳ ତତ୍ତ୍ୱକୁ ସାରଶବ୍ଦ କହନ୍ତି ।

**ଧ୍ୟାନ ବଢ଼େ ଜେ ଅଗର କୋ,**
**ବଢ଼ତ ଜ୍ଞାନ ଆନନ୍ଦ ।**
**ମୋହ ତାପ କମ ହୋତ ହୈଁ,**
**ଆଶ୍ରିତ ଏକ ପୁରନ୍ଦ ॥୮୫॥**

ଭାଷ୍ୟ - ଯେତେବେଳେ ଧ୍ୟାନ ଆଗକୁ ବଢ଼େ, ସେତେବେଳେ ଜ୍ଞାନ ଆନନ୍ଦ ବଢ଼ିବାରେ ଲାଗେ ଓ ମୋହ ତାପ କ୍ଷୀଣ ହୋଇଯାଏ ଏବଂ ଇନ୍ଦ୍ରିୟ ମନ ଆଦିର ରାଜା ଆତ୍ମା ନିଜ ଶକ୍ତିକୁ କେନ୍ଦ୍ରିତ କରି ଏକ ପରଂବ୍ରହ୍ମଙ୍କର ଆଧାରରେ ସ୍ଥିତ ହୋଇଯାଏ ।

**ରଣ ଓ୍ୱୀର କୀ ଓ୍ୱୀରତା, ସତୀ**
**ଦେଖ ଅନୁରାଗ ।**
**ଯୋଗାଭ୍ୟାସ କେ ରୂପ ମେଁ,**
**ହୋୟ ଦେହ ମନ ତ୍ୟାଗ ॥୮୬॥**

ଭାଷ୍ୟ - ରଣବୀରର ବୀରତା ଓ ସତୀର ଅନୁରାଗ ଅର୍ଥାତ୍ ତାହାର ଶରୀର ତ୍ୟାଗ ସମାନ ଦେହ ଆଉ ମନ ଇନ୍ଦ୍ରିୟ ଆଦିର ସୁଖ ତ୍ୟାଗ କରି ହିଁ ଯୋଗ ସାଧନା ହୋଇଥାଏ ।

# ପ୍ରକୃତିଗତ ଜୀବନର ରହସ୍ୟ

**ଶ୍ରୀ**ମଦ୍ ଭଗବଦ୍‌ଗୀତାର ପ୍ରଥମ ଅଧ୍ୟାୟର ୩୯ ତମ ଶ୍ଳୋକରେ ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରୁଛନ୍ତି –

କଥଂ ନ ଜ୍ଞେୟମସ୍ମାଭିଃ ପାପାଦସ୍ମାନ୍ନିବର୍ତ୍ତିତୁମ୍ ।
କୁଳକ୍ଷୟକୃତଂ ଦୋଷଂ ପ୍ରପଶ୍ୟଦ୍‌ଭିର୍ଜନାର୍ଦନ ।।

ଏହି ଶ୍ଳୋକରେ 'ଜ୍ଞେୟମ୍' ଅର୍ଜୁନଙ୍କ ମୁଖ୍ୟ ଚିନ୍ତାର ବିଷୟ । ସେ ଉପଯୁକ୍ତ ପଦକ୍ଷେପ ଉଠାଇବାରେ କାହିଁକି ଅସମର୍ଥ, ଯଦ୍ୟପି ସେ ଜାଣନ୍ତି ଯେ ବାସ୍ତବତା କ'ଣ ଅଥବା ଏହାଠାରୁ ବି ଅଧିକ ଠିକ୍ କ'ଣ ? ଅର୍ଜୁନ ସେହି ଲୋଭର ବଢୁଥିବା ପ୍ରଭାବ ପ୍ରତି ଚିନ୍ତା ବ୍ୟକ୍ତ କରିଛନ୍ତି, ଯାହା ତାଙ୍କର ସ୍ୱଜନମାନଙ୍କୁ ଏତେ ଅନ୍ଧ କରିଦେଲା ଯେ ସେମାନେ ଅନୁଚିତକୁ ମଧ ଦେଖିପାରୁ ନାହାନ୍ତି । ଏହି ତଥ୍ୟ ପୁଣି ଅର୍ଜୁନଙ୍କର ନିଷ୍ଫଳ ଦୃଷ୍ଟି ପ୍ରସ୍ତୁତ କରିଥାଏ ।

ଏହି ଶ୍ଳୋକର ସ୍ୱର ଏହି କଥାର ଦ୍ୟୋତକ ଯେ ସେ ବାସ୍ତବିକ ବିନାଶକୁ ସେତିକି ମହତ୍ତ୍ୱ ଦେଇପାରୁ ନାହାନ୍ତି, ଯେତିକି ସେହି ଦୋଷକୁ, ଯାହା ବିନାଶରୁ ଉତ୍ପନ୍ନ ହେବ; ପରନ୍ତୁ ନିଜ ଦୃଷ୍ଟିର ନିଷ୍ଫଳତା ଓ ପବିତ୍ରତା ସତ୍ତ୍ୱେ, ଅର୍ଜୁନ ବଧ କରିବାର ଏହି ପାପ ଦ୍ୱାରା ସେହି ସତ୍ୟ ମାର୍ଗକୁ ଚିହ୍ନିବାରେ ବିଫଳ ହୋଇଯାଉଛନ୍ତି, ଯାହା ତାଙ୍କର ପ୍ରତୀକ୍ଷା କରିଛି ।

ସେ ଭଗବାନଙ୍କ ଠାରୁ ଜ୍ଞାନର ପ୍ରକାଶ ପ୍ରାପ୍ତ କରିବା ଦିଗରେ ଉନ୍ମୁଖ ହୋଇଛନ୍ତି । ଜୀବନରେ ଏପରି କ୍ଷଣ ଗୁଡ଼ିକରେ ବ୍ୟକ୍ତି ଈଶ୍ୱରଙ୍କ ଚରଣରେ ପଡ଼ିଥାଏ । ଏପରି କ୍ଷଣ, ଯେତେବେଳେ ସେ ଦେଖିବାକୁ ଚାହିଁଥାଏ, କିନ୍ତୁ ଦେଖି ପାରି ନଥାଏ; ଯେତେବେଳେ ସେ କର୍ମ କରିବାକୁ ଚାହିଁଥାଏ, କିନ୍ତୁ କର୍ମ କରିବାରେ ଅସମର୍ଥ ହୋଇଥାଏ ।

ଯେତେବେଳେ ଆମେ ପ୍ରକୃତିର ଯନ୍ତ୍ର-ରଚନାର ଅନୁସନ୍ଧାନ କରିଥାଉ ତ ଆମ ସମ୍ମୁଖରେ ଏହି ତଥ୍ୟ ସ୍ପଷ୍ଟ ହୋଇଥାଏ ଯେ ବିଶ୍ୱ–ବ୍ରହ୍ମାଣ୍ଡର ପ୍ରତ୍ୟେକ ରଚନା ପ୍ରତ୍ୟେକ ଅନ୍ୟ ରଚନା ସହିତ ପ୍ରତ୍ୟକ୍ଷ ରୂପେ ସମ୍ବନ୍ଧିତ ପ୍ରତ୍ୟେକ ବସ୍ତୁ ଅନବରତ ଅନ୍ୟ ବସ୍ତୁ ଦ୍ୱାରା ପ୍ରଭାବିତ ହୋଇଥାଏ । ସାଗରର କୌଣସି ଲହରୀ ନିଜେ ସ୍ୱତନ୍ତ୍ର ନୁହେଁ । ନିଶ୍ଚିତ ରୂପେ ତାହାର ନିଜର ପୃଥକ୍ ସତ୍ତା ଅଛି । ପ୍ରତ୍ୟେକ ଲହରୀର ନିଜସ୍ୱ ମାର୍ଗ ଅଛି, ଯାହାର ସେ ଅନୁକରଣ କରିଥାଏ, କିନ୍ତୁ ଏହି ମାର୍ଗ ପ୍ରତ୍ୟେକ ଅନ୍ୟ ଲହରର ମାର୍ଗ ଉପରେ ନିର୍ଭର କରିଥାଏ ।

କୌଣସି ବ୍ୟକ୍ତିର ଜୀବନ ଏହି ବିଶ୍ୱ ବ୍ରହ୍ମାଣ୍ଡୀୟ ଜୀବନ ସାଗରର ଏକ ଲହରୀ । ଏହି ସାଗରର ପ୍ରତ୍ୟେକ ଲହରୀ ଅନ୍ୟ ଲହରୀର ମାର୍ଗକୁ ପ୍ରଭାବିତ କରିଥାଏ । ନିଶ୍ଚିତ ରୂପେ ମନୁଷ୍ୟ ନିଜ ଭାଗ୍ୟର ସ୍ୱାମୀ ।

ସେ ଈଶ୍ୱରଙ୍କର ସବୁଠାରୁ ବଡ଼ ଉପହାର- ସ୍ୱତନ୍ତ୍ର ଇଚ୍ଛା ସଂପନ୍ନ ବ୍ୟକ୍ତି । ଏହି ଇଚ୍ଛା କାରଣରୁ ତାକୁ କୌଣସି କର୍ମ କରିବାର ପୂର୍ବ ସ୍ୱତନ୍ତ୍ରତା ମିଳିଛି, କିନ୍ତୁ ଏହି କର୍ମର ପରିଣାମ ମଧ ତାକୁ ଭୋଗିବାକୁ ହିଁ ପଡ଼ିବ । ପ୍ରତିକ୍ରିୟା ସର୍ବଦା କ୍ରିୟାର ବରାବର ହୋଇଥାଏ ।

ଯେତେବେଳେ ଲୋକେ ଠିକ୍ ଆଚରଣ କରନ୍ତି, ତ ସ୍ୱାଭାବିକ ରୂପେ ସେହି ପ୍ରକାରର ବାତାବରଣ ମଧ ଉତ୍ପନ୍ନ ହୋଇଥାଏ ଏବଂ ଯେବେ ଏପରି ପ୍ରଭାବର ପ୍ରଧାନତା ହୋଇଯାଏ, ତ ବ୍ୟକ୍ତିର ପ୍ରବୃତ୍ତିଗୁଡ଼ିକ ମଧ ଏହା ଦ୍ୱାରା ପ୍ରଭାବିତ ହୋଇଥାଏ । ଯଦି ପବିତ୍ରତା ଓ ଦିବ୍ୟତାର ବାତାବରଣରେ କୌଣସି ବ୍ୟକ୍ତି ଉଚିତ ମାର୍ଗର ଅନୁକରଣ କରିଥାଏ ତ ଆଖପାଖର ଅଦୃଶ୍ୟ ସାତ୍ତ୍ୱିକ ପ୍ରଭାବ ତା'ର ରକ୍ଷା କରିଥାଏ ।

ଏହିପରି ଯଦି କୌଣସି ବ୍ୟକ୍ତି ନିଜ ପ୍ରୟାସରେ ବିଫଳ ହୋଇଥାଏ ତ ତା'ର ବିଫଳତା ପଛରେ କାର୍ଯ୍ୟ କରୁଥିବା ଅଦୃଶ୍ୟ ପ୍ରକୃତି ମଧ ଥାଇ ପାରେ । କୌଣସି ପ୍ରକାରର ବୌଦ୍ଧିକ ବିବେଚନା ତା'ର ବିଫଳତାର ରହସ୍ୟ ଉଦ୍‌ଘାଟନ କରିପାରି ନଥାଏ । ତାକୁ ସେତେବେଳେ ଅନ୍ୟ ସ୍ତରରେ ଉଠିବା ଓ ଏହା ସ୍ୱୀକାର କରିବାକୁ ପଡ଼ିଥାଏ ଯେ ତା' ପଛରେ ପ୍ରକୃତିର କାର୍ଯ୍ୟ ଓ ଶକ୍ତି କାମ କରୁଛି । ତାକୁ ପ୍ରକୃତିର ନିୟମଗୁଡ଼ିକ ଓ ସେ ସବୁରେ ଅନ୍ତର୍ନିହିତ ସୃଷ୍ଟିର ସମ୍ବିଧାନ ବୁଝିବାକୁ ପଡ଼ିଥାଏ ।

ଜୀବନ ଯେତେବେଳେ ପ୍ରକୃତିର ହୋଇଥାଏ ତ ଆମକୁ ପ୍ରକୃତିଗତ ଜୀବନଯାପନ କରିବାକୁ ପଡ଼ିଥାଏ । ଏଥିରେ ପରିସ୍ଥିତି ଓ ପ୍ରାରବ୍ଧର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ । ପରିଣାମ ତ ପ୍ରକୃତି ଶେଷରେ ପ୍ରଦାନ କରିଥାଏ । ଏ ପ୍ରକାର ଜୀବନ ହିଁ ବ୍ୟକ୍ତିକୁ ଶାନ୍ତି, ତୃପ୍ତି, ସନ୍ତୋଷ ଓ ଉତ୍କୃଷ୍ଟତା ପ୍ରଦାନ କରିଥାଏ ।

# ଖେଚୁଡିଖାଇ ସୁସ୍ଥ ରୁହନ୍ତୁ

**ଭା**ରତୀୟ ବ୍ୟଞ୍ଜନ ମଧରେ ଖେଚୁଡିର ସ୍ଥାନ ଖୁବ୍ ସ୍ୱତନ୍ତ୍ର । ଶୁଦ୍ଧ ଓ ଶାକାହାରୀ ଏଇ ଭୋଜନରେ ପୋଷକତତ୍ତ୍ୱ ଭରପୂର ଥିବାବେଳେ ପିଲାଠାରୁ ବୟସ୍କ ସମସ୍ତଙ୍କ ପାଇଁ ଏହା ଏକ ଉତ୍ତମ ଖାଦ୍ୟ । ସହଜରେ ହଜମ ହୋଇପାରୁଥିବା ଖେଚୁଡି ଖାଇଲେ ବାତ, ପିତ୍ତ, କଫ ଦୋଷ ଦୂର ହେଉଥିବାର ଦିଲ୍ଲୀ ଡାକ୍ତରୀ ଦଳ ବିଭିନ୍ନ ଅନୁସନ୍ଧାନରୁ ପ୍ରମାଣିତ କରିଛନ୍ତି ।



ଗର୍ଭବତୀ ମହିଳାଙ୍କ ଠାରେ ଅମ୍ଳ ହେବା ଏକ ସାଧାରଣ ସମସ୍ୟା । ଏଇ ଗର୍ଭାବସ୍ଥାରେ ସେମାନେ ପ୍ରତ୍ୟହ ଖେଚୁଡି ଖାଇବା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ଖେଚୁଡି ଖାଇଲେ ଶରୀର ଓଜନିଆ ମଧ ଲାଗେନାହିଁ ।

ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ଲୋକ ପ୍ରତ୍ୟହ ଖେଚୁଡି ଖାଆନ୍ତୁ । ସମସ୍ତ ପ୍ରକାର ପରିବା ମିଶା ଏଇ ଖେଚୁଡି ଖାଇଲେ ଶରୀରକୁ ଶକ୍ତି ମଧ ମିଳେ ।

ମଧୁମେହ ରୋଗୀ ନିୟମିତ ଭାବେ ଏଇ ଖାଦ୍ୟ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ । ବିଦ୍ୟାଳୟ ଯାଉଥିବା ଛାତ୍ରଛାତ୍ରୀଙ୍କୁ ଶକ୍ତି ଯୋଗାଇବା ନିମନ୍ତେ ଖେଚୁଡି ଏକ ଉତ୍ତମ ଭୋଜନ ଅଟେ ।

## ଟିକିଏ ହସନ୍ତୁ

ଭିକାରୀ ଜଣେ ବ୍ୟକ୍ତିଙ୍କୁ: ବାବୁ ଟିକେ ସାହାଯ୍ୟ କରନ୍ତୁ ।
ବ୍ୟକ୍ତି: କ'ଣ ହେଇଛି ତମର ?
ଭିକାରୀ: ମୁଁ ମୋ ପରିବାରଠାରୁ ଅଲଗା ହେଇଯାଇଛି । ୨୦୦ ଟଙ୍କା ଦିଅନ୍ତୁ ମୁଁ ମୋ ପରିବାର ପାଖକୁ ଯିବି ।
ବ୍ୟକ୍ତି: ହଉ, ନିଅ । ହେଲେ ସେମାନେ କୋଉଠି ଅଛନ୍ତି ?
ଭିକାରୀ: ମଲ୍ଟିପ୍ଲେକ୍ସରେ ସିନେମା ଦେଖୁଛନ୍ତି ।

× × × ×

ସ୍ୱାମୀ ମଦ ପିଉଥିବାରୁ ସ୍ତ୍ରୀ ଝଗଡା କରୁଥାନ୍ତି ।
ସ୍ୱାମୀ: ମୁଁ ମଦ ପିଇଲେ ତମେ ଝଗଡ଼ା କରୁଛ । କିନ୍ତୁ ତମେ ଯେବେ ପାର୍ଲର ଯାଇ ହଜାର ହଜାର ଟଙ୍କା ବରବାଦ୍ କରୁଛ । ମୁଁ ତ କିଛି କହୁନି ।
ସ୍ତ୍ରୀ: ମୁଁ ପାର୍ଲର ଯାଉଛି ଏଥିପାଇଁ ଯେମିତିକି ମୁଁ ତମକୁ ସୁନ୍ଦର ଦେଖାଯିବି ।
ସ୍ୱାମୀ: ମୁଁ ବି ତ ସେଇଥି ପାଇଁ ମଦ ପିଉଛି ।
ସ୍ତ୍ରୀ: ମାନେ ?
ସ୍ୱାମୀ: ମଦ ପିଇବା ପରେ ହିଁ ତମେ ମତେ ସୁନ୍ଦର ଦେଖାଯାଏ ।



× × × ×

ଭିଣେଇଙ୍କୁ ଶାଳୀ: ଜିଜୁ କହିଲ ଦେଖି, ଶାଲୀ ଆଧି ଘରବାଲୀର ଅର୍ଥ କ'ଣ ?
ଭିଣେଇ: ଇଏ ହେଉଛି ଏମିତି ଏକ ସ୍କିମ୍, ଯାହା ସମ୍ପର୍କରେ ବରକୁ ବାହାଘର ପୂର୍ବରୁ କୁହାଯାଏ । ହେଲେ ସ୍କିମ୍‌ର ଫାଇଦା ଉଠାଇବାକୁ କେବେ ଦିଆଯାଏନା ।

× × × × ×

ବନ ବାବୁଙ୍କ ଘରକୁ ମନୋଜ ଯାଇଥାନ୍ତି ସେଠି ବନ୍ଧୁ ବାବୁଙ୍କ ସ୍ତ୍ରୀଙ୍କୁ ଦେଖି ମନୋଜ: ଆଜ୍ଞା, ଆପଣ ଦୁହିଁଙ୍କ ଯୋଡ଼ି ତ ପୁରା ରାମସୀତାଙ୍କ ପରି ।
ବନ ବାବୁ: ମିଛ କାହିଁକି କହୁଛ କହିଲ । ନା ସେ ଭୂମି ଭିତରେ ଲୀନ ହେଉଛି ନା ହିଁ କୌଣସି ରାବଣ ତାକୁ ନେଉଛି ।

× × × ×

ସ୍ତ୍ରୀ ରାଗିକି ସ୍ୱାମୀଙ୍କୁ ମୁଁ ଆଜିଠୁ ଆଉ ରୋଷେଇ କରିପାରିବିନି ।
ସ୍ୱାମୀ: ତା'ହେଲେ କିଏ କରିବ ?
ସ୍ତ୍ରୀ: ତମେ ।
ସ୍ୱାମୀ: ଏଇଟା ସମ୍ଭବ ନୁହେଁ ।
ସ୍ତ୍ରୀ: କୋଉ ନିୟମ କାନୁନରେ ଅଛି ଯେ, ସ୍ତ୍ରୀ ରୋଷେଇ କରିବ ।
ସ୍ୱାମୀ: ପୃଥିବୀର ସବୁ ଜେଲ୍‌ରେ ପରା କଏଦୀଙ୍କୁ ଜେଲର୍ ହିଁ ଖାଇବାକୁ ଦିଅନ୍ତି ।

× × × ×

ପପୁ ଥରେ ବସ୍‌ରେ ଯାଉଥାଏ । ପ୍ରବଳ ଗହଳି ଥିବାରୁ ଠେଲାପେଲାରେ ପପୁ ଜଣେ ଲଣ୍ଡାମୁଣ୍ଡିଆ ବ୍ୟକ୍ତିଙ୍କ କୋଳରେ ବସିପଡ଼ିଲେ । ଲଣ୍ଡାମୁଣ୍ଡିଆ ବ୍ୟକ୍ତି ରାଗିଯାଇ: କୋଳରେ କାହିଁକି ବସୁଛ । ଆସୁନ ମୋ ମୁଣ୍ଡ ଉପରେ ବସିବ ।
ପପୁ; ଥ୍ୟାଙ୍କ୍ ୟୁ ଅଙ୍କଲ । ହେଲେ ଆପଣଙ୍କ ଚିକ୍କଣ ମୁଣ୍ଡରେ ବସିଲେ ମୁଁ ଖସିକି ପଡ଼ିଯିବି ।

## ଘିଅର ଉପକାରିତା

କେବଳ ଭାରତୀୟ ବ୍ୟଞ୍ଜନରେ ତାହା ପୁଣି ବିଶେଷ କରି ଉତ୍ତର ଭାରତ ଓ ପଞ୍ଜାବରେ ଘିଅର ବ୍ୟବହାର ବହୁତ ମାତ୍ରାରେ ହୋଇଥାଏ । ଅନେକଙ୍କ ଧାରଣା ଯେ ଘିଅ ଖାଇଲେ ଓଜନ ବଢ଼ିବା ସହ କୋଲେଷ୍ଟରଲ ସ୍ତର ବୃଦ୍ଧି ହୁଏ । ଏ ବାବଦରେ ଖାଦ୍ୟ ବିଶେଷଜ୍ଞଙ୍କ ଯୁକ୍ତି ହେଉଛି ଶୁଦ୍ଧ ଘିଅର ଉପଯୋଗ ବ୍ୟଞ୍ଜନରେ କଲେ ବରଂ ଶରୀରର ଶକ୍ତି ବୃଦ୍ଧି ହୋଇଥାଏ । ଅନେକ ବର୍ଷ ତଳେ ଭାରତର ପ୍ରତ୍ୟେକ ପ୍ରାନ୍ତରେ କେବଳ ଘିଅ ହିଁ ବ୍ୟବହୃତ ହେଉଥିଲା, ତେବେ ଇଂରେଜ ଶାସନ ପରେ ହିଁ ବିଭିନ୍ନ ରକମର ତେଲରେ ଖାଦ୍ୟ ପ୍ରସ୍ତୁତିର ମୂଳଦୁଆ ଭାରତରେ ଆରମ୍ଭ ହୋଇଥିଲା । ଘିଅର ଉପଯୋଗିତା ବିଭିନ୍ନ ବିଜ୍ଞାନ ପତ୍ରିକା ତଥା ଓ୍ୱେବସାଇଟରେ ଉପଲବ୍ଧ ହେବା ପରେ ଏବେ ଅନ୍ତର୍ଜାତୀୟ ବଜାରରେ ମଧ ଘିଅର ଲୋକପ୍ରିୟତା ବଢ଼ିଥିବାର ପ୍ରକାଶ ।



ପ୍ରତ୍ୟହ ଘିଅ ସେବନ କଲେ ତ୍ୱଚାରେ ବିଶେଷ ଚମକ ଆସିବା ସହ ଶୁଷ୍କ ହୋଇ ନ ଥାଏ ।

ଘିଅରେ ଥିବା ଭିଟାମିନ୍ 'ଏ' ଆଖିର ଜ୍ୟୋତିକୁ ବଢ଼ାଇବା ସହ ଗ୍ଲୁକୋମା ରୋଗରୁ ରକ୍ଷା କରେ । ଆଣ୍ଠୁଗଣ୍ଠି ରୋଗୀ କିମ୍ବା ବାର୍ଦ୍ଧକ୍ୟରେ ଆକ୍ରାନ୍ତ ହେବା ପରେ ଶରୀର ପୀଡ଼ା ହେଲେ, ଘିଅର ଉପଯୋଗ ବିଭିନ୍ନ ବ୍ୟଞ୍ଜନରେ କରିବା ଉଚିତ ।

ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଘିଅ ଖାଦ୍ୟକୁ ଶୀଘ୍ର ହଜମ କରିଥାଏ । ଏଣୁ ଘିଅ ଖାଇଲେ ବଦହଜମ ହେବା ଆଶଙ୍କା ଆଦୌ ନାହିଁ ବୋଲି ବିଶେଷଜ୍ଞଙ୍କ ମତ ।

ନିଜ ସ୍ମୃତିଶକ୍ତିକୁ ବୟସ୍କ ଲୋକେ ଠିକ୍ ରଖିବାକୁ ଚାହୁଁଥିଲେ, ଶୁଦ୍ଧ ଘିଅର ଉପଯୋଗ ଖାଦ୍ୟରେ କରିବା ସବୁଠୁ ଉଚିତ ଉପାୟ ।

ନିୟମିତ ଘିଅ ସେବନ କଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ । ଧ୍ୟାନରେ ରଖିବେ ଯେ ଘିଅର ଉପଯୋଗିତା, ସର୍ବାଧିକ, ତେବେ ଏହା ଶୁଦ୍ଧ ହେବା ନିତାନ୍ତ ଆବଶ୍ୟକ । ମିଶ୍ରିତ ଘିଅ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ।

## ଦେହକୁ ହିତ ପିଜୁଳି

ପିଜୁଳି ପେଟଜନିତ ସମସ୍ତ ଭରସାଯୋଗ୍ୟ ସମାଧାନ ପାଇଁ ଏକ ଭରସାଯୋଗ୍ୟ ଫଳ । ଅଧିକାଂଶ ଲୋକଙ୍କ ବାଡ଼ି, ବଗିଚାରେ ପିଜୁଳି ଗଛ ଥାଏ, ତେଣୁ ଏହା ସହଜରେ ମିଳିଯାଏ । ଏଥିରେ ଫାଇବର, ଖଣିଜ ଓ ଖାଦ୍ୟସାର ପ୍ରଚୁର ପରିମାଣରେ ରହିଥାଏ । ବିଶେଷକରି ମଧୁମେହ ରୋଗୀଙ୍କ ପାଇଁ ଏହା ଅତ୍ୟନ୍ତ ଉପକାରୀ । ପିଜୁଳିର ଫାଇଦା ସମ୍ପର୍କରେ ଆୟୁର୍ବେଦରେ ମଧ ଉଲ୍ଲେଖ ରହିଛି । ଏଥିରେ ଥିବା ପୌଷ୍ଟିକ ତତ୍ତ୍ୱ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ । ପିଜୁଳିରେ ଥିବା ଫାଇବର ମେଟାବୋଲିଜମ୍ ଠିକ୍ ରଖେ । ଯେଉଁମାନେ କୋଷ୍ଠକାଠିନ୍ୟରେ ପୀଡ଼ିତ ସେମାନେ ପିଜୁଳି ଖାଇଲେ ଉପକୃତ ହେବେ । ଏଥିରେ ଥିବା ଭିଟାମିନ୍ ଏ ଚକ୍ଷୁର ଆବଶ୍ୟକତା ପୂରଣ କରେ । ପିଜୁଳି ଗଛର ପତ୍ରକୁ କିଛି ସମୟ ଚୋବାଇଲେ ମାଢ଼ି ମଜଭୁତ ହେବା ସହ ମୁହଁ ମଧ ପରିଷ୍କାର ହୁଏ । ଏହା ଓଜନ ବୃଦ୍ଧି କରେ ନାହିଁ ।



## ତେନ୍ତୁଳିର ଉପଯୋଗିତା



ଦକ୍ଷିଣ ଭାରତୀୟ ଖାଦ୍ୟରେ ତେନ୍ତୁଳିର ପ୍ରୟୋଗ ପ୍ରାୟତଃ ହୋଇଥାଏ । ଏହା ସେଠା ରାନ୍ଧୁଣିଆଙ୍କ ମୁଖ୍ୟ ମସଲା । ତେନ୍ତୁଳିକୁ ସେମାନେ ଭାତ, ଡାଲି, ସମ୍ବର, ଚଟଣି, ତରକାରିରେ ମଧ ପ୍ରୟୋଗ କରନ୍ତି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ତେନ୍ତୁଳିର ଅନେକ ଉପଯୋଗିତା ରହିଛି । ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ନିମନ୍ତେ ଏହା ଏକ ଉତ୍ତମ ପୋଷକ । ହୃଦ୍‌ରୋଗରୁ ବର୍ତ୍ତିବାକୁ ଚାହୁଁଥିଲେ ନିୟମିତ ଭାବେ ଦ୍ୱିପହର ଅବା ସକଳ ଜଳଖିଆରେ ତେନ୍ତୁଳିର ବ୍ୟବହାର କରିବା ଉଚିତ । ମଧୁମେହ ରୋଗୀଙ୍କ ନିମନ୍ତେ ଏହା ଏକ ମହୌଷଧି ଅଟେ । ଭିଟାମିନ୍ ସି' ଓ ଅନ୍ୟାନ୍ୟ ପୋଷକତତ୍ତ୍ୱ ଭରପୂର ତେନ୍ତୁଳି ଅଂଶୁଘାତରୁ ମଧ ଶରୀରକୁ ରକ୍ଷା କରିଥାଏ । ଏଣୁ ଗ୍ରୀଷ୍ମଦିନେ ତେନ୍ତୁଳି ଚକଟାର ଆବଶ୍ୟକତା ବହୁତ ଅଧିକ । ଭୋକର କ୍ଷମତା ବଢ଼ାଉଥିବା ଏଇ ତେନ୍ତୁଳି ଓଜନ ହ୍ରାସ ନିମନ୍ତେ ମଧ ଜରୁରୀ । ନିୟମିତ ଭାବେ ତେନ୍ତୁଳି ଭୋଜନରେ ବ୍ୟବହାର କଲେ ତାହା କେଶ ଓ ତ୍ୱଚା ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।

## ଆପଣ ଜାଣନ୍ତି କି ?

- ଶହେ ମିଲିୟନ୍ ବର୍ଷ ତଳେ ଭାରତ ଏକ ଦ୍ୱୀପ ମାତ୍ର ଥିଲା ।
- ଇଣ୍ଡସ୍ ନଦୀ ନାମରୁ ଇଣ୍ଡିଆ ନାମ କରଣ ହୋଇଛି ।
- ଇଣ୍ଡସ୍ ଉପତ୍ୟକାରେ ଗଢ଼ି ଉଠିଥିବା ସଭ୍ୟତା ହେଉଛି ସାରା ବିଶ୍ୱର ସବୁଠାରୁ ପୁରାତନ ସଭ୍ୟତା ।
- ଭାରତ ହେଉଛି ପୃଥିବୀର ସବୁଠାରୁ ପୁରାତନ ପ୍ରଗତିଶୀଳ ସଭ୍ୟତା ।
- ଜାତିସଂଘର ଶାନ୍ତି ସୁରକ୍ଷା ମିଶନ ଆରମ୍ଭରୁ ଭାରତ ସବୁଠାରୁ ବଡ଼ ସଙ୍ଗଠକ ଭାବେ କାର୍ଯ୍ୟ କରି ଆସୁଛି ।
- ବୃହତ୍ତମ ତଥା ସକ୍ରିୟ ସେନା ରଖିବାରେ ଆମେରିକା, ଚୀନକୁ ଛାଡି ଦେଲେ ଭାରତ ହେଉଛି ପୃଥିବୀର ତୃତୀୟ ଦେଶ ।
- ଭାଟିକାନ୍ ସିଟି ଓ ମକ୍କା ପରିଦର୍ଶନ କରିବାକୁ ଯାଉଥିବା ପର୍ଯ୍ୟଟକଙ୍କ ଦୁଇଗୁଣ ପର୍ଯ୍ୟଟକ ବାଲାଜୀ ମନ୍ଦିର ଓ କାଶୀବିଶ୍ୱନାଥ ମନ୍ଦିର ପରିଦର୍ଶନ କରିଥାନ୍ତି ।
- ବାରଣାସୀ ପୃଥିବୀର ସର୍ବ ପୁରାତନ ସହର ଭାବେ ଏବେ ବି ପ୍ରତିଷ୍ଠା ଲାଭ କରିଛି ।
- ଅନ୍ୟ ଦେଶଗୁଡିକଠାରୁ ଭାରତରେ ଅଧିକ ମସଜିଦ୍ ରହିଛି । ପ୍ରାୟ ୩ ଲକ୍ଷ ।
- ମୁସଲମାନ ବହୁଳ ରାଷ୍ଟ୍ରଭାବେ ଭାରତ ସାରା ବିଶ୍ୱରେ ତୃତୀୟ ସ୍ଥାନ ଅଧିକାର କରିଛି ।
- ତକ୍ଷଶୀଳା ହେଉଛି ପୃଥିବୀର ସର୍ବ ପ୍ରଥମ ତଥା ସର୍ବ ପୁରାତନ ବିଶ୍ୱବିଦ୍ୟାଳୟ । ଏହାକୁ ଖ୍ରୀଷ୍ଟ ପୂର୍ବ ୭୦୦ ମସିହାରେ ପ୍ରତିଷ୍ଠା କରାଯାଇଥିଲା ।

## ପ୍ରୋଟିନ୍‌ରେ ଭରପୂର କାଙ୍କଡ଼

ସବୁ ପନିପରିବାର ଉପକାରିତା ଥିବାବେଳେ କାଙ୍କଡ଼ ପରିବା ନିୟମିତ ଖାଇଲେ ଏହା ମଧ ଶରୀର ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।

ମିଳିଥିବା ତଥ୍ୟ ଅନୁସାରେ ପ୍ରୋଟିନ ଓ ପୋଷକତତ୍ତ୍ୱ ଭରପୂର ଏଇ ପରିବା ଆମିଷ ଖାଦ୍ୟ ଠାରୁ ମଧ ଉତ୍ତମ । ମଧୁମେହ ରୋଗୀ ସପ୍ତାହକୁ ୨-୩ ଥର କାଙ୍କଡ ଭଜା ଖାଇଲେ ସେମାନଙ୍କ ମଧୁମେହ ନିୟନ୍ତ୍ରିତ ହୋଇଥାଏ । ପରୀକ୍ଷାରୁ ଜଣାପଡ଼ିଛି ଯେ ଭୋଜନରେ ପ୍ରତ୍ୟହ କାଙ୍କଡ ଖାଇଲେ କର୍କଟ ହେବାର ଆଶଙ୍କା କମ୍ ହୁଏ । ଚକ୍ଷୁର ଜ୍ୟୋତି ବଢ଼ାଉଥିବା ଏଇ ପରିବା ଖରାଦିନରେ ଶରୀରରୁ ଅତ୍ୟଧିକ ଝାଳ ନିର୍ଗତ ହେବାରୁ ରକ୍ଷା କରେ । ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ଭରପୂର କାଙ୍କଡ ହଜମ ଶକ୍ତି ବଢ଼ାଇଥାଏ । ରକ୍ତ ପରିଷ୍କାର ସହାୟକ ହେଉଥିବା କାଙ୍କଡ଼ରେ ଥିବା ମେମୋରଡିସିନ୍ ତତ୍ତ୍ୱ ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା ସହ ରକ୍ତଚାପ ମଧ ବଢ଼ାଇ ନ ଥାଏ । କାଙ୍କଡରେ ଥିବା ଲ୍ୟୁଟେନ୍ ତତ୍ତ୍ୱ କାରଣରୁ କର୍କଟରୋଗୀଙ୍କ ରୋଗର ଯନ୍ତ୍ରଣା ମଧ କମ୍ ହୋଇଥାଏ ବୋଲି ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ହୋଇଛି । ଲୌହ ଭରପୂର ଥିବା କାଙ୍କଡ ନିୟମିତ ଖାଇଲେ ମେଦ ବହୁଳ ରୋଗୀଙ୍କ ଓଜନ ମଧ ନିୟନ୍ତ୍ରଣରେ ରହେ ।



## ହୃଦରୋଗ ଦୂର କରେ କେସର

ପୂଜା କାମରୁ ଆରମ୍ଭ କରି ଲସି, ସର୍ବତ, ହାଲୁଆ ଆଦିରେ କେସର ବ୍ୟବହାର କରାଯାଏ । ଏହା ଖାଦ୍ୟର ସ୍ୱାଦ ଓ ବାସ୍ନା ବଢ଼ାଇଥାଏ । ଏଥି ସହିତ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ ବିଶେଷ ଉପକାରୀ । ଏହା ଏକ ଦାମୀ ମସଲାରେ ଯାଉଥିଲେ ହେଁ, ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ । ଏହା ଦେଖିବାକୁ ଲାଲ, ବ୍ଲୁ ଓ ପର୍ପଲ ତାର ଭଳି, ଯାହା ବାସ୍ନାଯୁକ୍ତ । ଏଥିରେ ଥିବା ପୋଷକ ତତ୍ତ୍ୱ ଓ ଭିଟାମିନ୍ ହୃଦୟ ପାଇଁ ବିଶେଷ ଉପକାରୀ । ଅନ୍ୟ ବହୁ ରୋଗରୁ ମଧ ମୁକ୍ତି ଦିଏ କେସର ।



ଏଥିରେ ଭିଟାମିନ୍ ଏ, ଫଲିକ୍ ଏସିଡ୍, ତମ୍ବା, ପୋଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଓ ଅତିରିକ୍ତ ଲାଇକୋପିନ୍, ଆଲଫା କ୍ୟାରୋଟିନ୍, ବିଟା କ୍ୟାରୋଟିନ୍ ଆଦି ଘୋଳନଶୀଳ ପିଗମେଟ ରହିଛି ।

ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଶରୀର ଯେକୌଣସି ଅଂଶରେ ସେ ବାହ୍ୟ ହେଉ କି ଭିତର ଫୁଲିଥିଲେ ତାହା ଅତି ସହଜରେ କମାଇ ଦେଇଥାଏ । ଯଦି ଫୁସ୍‌ଫୁସ୍ କୌଣସି ଚାପ ଯୋଗୁଁ ଫୁଲିଯାଇଥାଏ ତେବେ କେସର ନିଶ୍ଚୟ ଖାଆନ୍ତୁ ଏହାର ସୁଫଳ ମିଳିବ ।

ଗ୍ୟାଷ୍ଟ୍ରିକ୍ ସମସ୍ୟା, ଛାତି ଜ୍ୱଳନ, ଅଇ, ବାନ୍ତି ଆସିବା, ପେଟର ଅଲସର ସମସ୍ୟା ମୁକ୍ତି ଦିଏ କେସର । ଏଥିପାଇଁ ଏକ କପ ଗରମ ପାଣିରେ ୧/୨ ସୂତା ଓ ୧ ଚାମଚ ମହୁ ପକାଇ ଏହି ପାଣି ଚା' ପରି ସେବନ କରନ୍ତୁ ।

ସ୍ମୃତି ଶକ୍ତି ବୃଦ୍ଧି ନିମନ୍ତେ ପ୍ରାୟ ଲୋକ କେସର ମିଶ୍ରିତ କ୍ଷୀର ପିଇଥାନ୍ତି । ଆପଣ ମଧ କ୍ଷୀର ସହିତ କେସର ପକାଇ ନିୟମିତ ପିଅନ୍ତୁ ।

ତ୍ୱଚାର ସୁନ୍ଦରତା ବୃଦ୍ଧି ପାଇଁ ଦୁଇ ଚାମଚ କ୍ଷୀରରେ ୨ଟି କେସର ମିଶ୍ରଣ କରି ଏହି କ୍ଷୀରକୁ ମୁହଁରେ ଲଗାନ୍ତୁ । ଏହା ମୁଖମଣ୍ଡଳର ସୌନ୍ଦର୍ଯ୍ୟ ବୃଦ୍ଧି କରିବ ।

## କହିପାରିବେ କି ?

(୧) ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ କିଏ ଥିଲେ ?
(୨) କାଗଜର ଆବିଷ୍କାର କେଉଁ ଦେଶ କରିଥିଲା ?
(୩) କେଉଁ ରାଜ୍ୟ ଚା' ଉତ୍ପାଦନରେ ଶ୍ରେଷ୍ଠତା ଲାଭ କରିଛି ?
(୪) ପୋଙ୍ଗଲ କେଉଁ ରାଜ୍ୟର ମୁଖ୍ୟ ପର୍ବ ?
(୫) ଭାଙ୍ଗଡା କେଉଁ ରାଜ୍ୟର ଲୋକ ନୃତ୍ୟ ?
(୬) ଟେଲିଭିଜନର ଆବିଷ୍କାର କିଏ କରିଥିଲେ ?
(୭) ଭାରତର ପ୍ରଥମ ମହିଳା ଶାସିକା କିଏ ଥିଲେ ?
(୮) ମାଛ କାହା ସହାୟତାରେ ନିଃଶ୍ୱାସ ନେଇଥାଏ ?
(୯) 'ଇନ୍ କ୍ୱିଲାବ ଜିନ୍ଦାବାଦ୍' ନାରା କିଏ ଦେଇଥିଲେ ?
(୧୦) ଜାଲିୟାନାୱାଲାବାଗ ହତ୍ୟାକାଣ୍ଡ କେବେ ଓ କେଉଁଠି ହୋଇଥିଲା ?

### JUMBLE WORDS

| | |
|---|---|
| 1) REDBY = | 6) PTMEEX = |
| 2) TOYPST = | 7) NIVLIG = |
| 3) HRYOTN = | 8) LEWLD = |
| 4) GOMLU = | 9) GNOOB = |
| 5) HFTIA = | 10) LOIPWL = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ମଣିପୁର, ୨.ନାଗାଲାଣ୍ଡ, ୩.ଜୟପୁର ସହର, ରାଜସ୍ଥାନ, ୪.ସାରଦା ଲିପି, ୫.କର୍ଣ୍ଣାଟକ , ୬.କୁଚିପୁଡ଼ି, ୭.୮ ପ୍ରକାରର ଶାସ୍ତ୍ରୀୟ ନୃତ୍ୟ, ୮.ଭାରତନାଟ୍ୟମ୍ ଓ କୁଚିପୁଡ଼ି , ୯. ଓଡ଼ିଶୀ, ୧୦. ସରୋଦ୍ ।

***Jumble Words* ର ଉତ୍ତର :-**

(1) PUPIL (2) DAILY (3) AFLOAT (4) ENROLL (5) APPLY
(6) ISSUE (7) STOCKY (8) RESUME (9) RESUME (10) GRIPE

# ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଟାଟା ପାୱାର ମଧ୍ୟରେ ଏମ୍ଓୟୁ

ଭୁବନେଶ୍ୱର: ଟାଟା ପାୱାର ଏବଂ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ରାଜ୍ୟର ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ଏହି ରାଜିନାମା ସ୍ୱାକ୍ଷରିତ ହୋଇଛି । ଡିଟିଇଟି ନିର୍ଦ୍ଦେଶକ ରେଘୁ କି ଓ ଟାଟା ପାୱାରର ଟ୍ରାସ୍‌ସମିସନ ଆଣ୍ଡ ଡିଷ୍ଟ୍ରିବ୍ୟୁସନ (ଟି ଆଣ୍ଡ ଡି) ସଭାପତି ସଞ୍ଜୟ ବଙ୍ଗା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ ।

ଖାରବଳ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ କହିଲେ, ଏହି ବୁଝାମଣା ସ୍ୱାକ୍ଷରିତ ଦ୍ୱାରା ପ୍ରଶିକ୍ଷଣ ମଡ୍ୟୁଲ୍ ଓ ପ୍ରାକ୍ଟିକାଲ ଅଧିବେଶନରେ ନିରାପତ୍ତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ଯାହା ଅନ୍ତର୍ଜାତୀୟ ମାନଦଣ୍ଡ ସହ ସମକକ୍ଷ ହେବ । ବିଶ୍ୱ ବଜାରରେ କର୍ମଚାରୀଙ୍କ ନିଯୁକ୍ତି ସୁଯୋଗ ଓ ବିଶ୍ୱସନୀୟତାକୁ ସୁଦୃଢ଼ କରିବ ।

ସୂଚନାଯୋଗ୍ୟ, ନିଯୁକ୍ତି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ରଣନୀତି ପ୍ରସ୍ତୁତି କରାଯାଇଛି । ଶିକ୍ଷାର୍ଥୀଙ୍କୁ ଶକ୍ତି କ୍ଷେତ୍ରରେ ବର୍ଦ୍ଧିତ ନିଯୁକ୍ତି ସୁଯୋଗ ପ୍ରଦାନ କରିବ । ପ୍ରଥମ ବର୍ଷରେ ଟାଟା ପାୱାର ଦକ୍ଷତା ବିକାଶ କେନ୍ଦ୍ର ନିକଟରେ ୨୦ଟି ସରକାରୀ ଆଇଟିଆଇ (ପ୍ରତି ଡିସ୍‌କମ୍‌ରେ ୫ଟି) ଖୋଲାଯିବ । ଆଗାମୀ ବର୍ଷରେ ଅନ୍ୟ ଆଇଟିଆଇକୁ ଅନ୍ତର୍ଭୁକ୍ତ କରିବା ପାଇଁ ସଂପ୍ରସାରଣ କରାଯିବ । ଟାଟା ପାୱାର ଓଡ଼ିଶାର ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ସହ ପରାମର୍ଶ କରି ଏଭଳି ମଡ୍ୟୁଲ୍ ପ୍ରସ୍ତୁତ କରିବ । ଯେଉଁଥିରେ ଛାତ୍ରଛାତ୍ରୀଙ୍କୁ ଶିଳ୍ପ ପାଇଁ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯିବ । ଏହି ମଡ୍ୟୁଲ୍‌ଗୁଡ଼ିକ ଶକ୍ତି କ୍ଷେତ୍ରରେ ଆବଶ୍ୟକୀୟ ଦକ୍ଷତା ଓ ଜ୍ଞାନକୁ ଅନ୍ତର୍ଭୁକ୍ତ କରିବ । ବାସ୍ତବ ଦୁନିଆର ଅନୁଭୂତି ପ୍ରଦାନ କରିବା ପାଇଁ ଛାତ୍ର ଛାତ୍ରୀମାନେ ଡିସ୍‌କମ୍‌ର ଟ୍ରେନିଂ ସେଣ୍ଟର ପରିଦର୍ଶନ କରିବେ । ଏହି ପ୍ରଦର୍ଶନ ସେମାନଙ୍କୁ ଦୈନନ୍ଦିନ କାର୍ଯ୍ୟକୁ ସୁରକ୍ଷିତ ଓ ଦକ୍ଷତାର ସହ ସଂପାଦନ କରିବାରେ ସାହାଯ୍ୟ କରିବ । ଏଥିସହ ନେଟ୍‌ୱାର୍କ କଣ୍ଟ୍ରୋଲ୍ ସେଣ୍ଟର, ସ୍ମାର୍ଟ ମିଟର ଲ୍ୟାବ୍ ଓ ୩୩/୧୧ କେଭି ସବ୍‌ଷ୍ଟେସନ୍ ପରିଦର୍ଶନ କରି ବିଦ୍ୟୁତ୍ କ୍ଷେତ୍ରର ଉପକରଣ ସଂପର୍କରେ ସେମାନଙ୍କର ଦକ୍ଷତା ବୃଦ୍ଧି କରିବାକୁ ଯୋଜନା କରାଯାଇଛି ।

## ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ବାର୍ଷିକ କ୍ରୀଡ଼ା

ସମ୍ବଲପୁର: ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ୧୬୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଲୋକିତା ଦାଶ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପୂର୍ବତନ ଶାରୀରିକ କ୍ରୀଡା ନିରୀକ୍ଷକ ଜଗବନ୍ଧୁ ବେହେରା ଓ କ୍ରୀଡା ଶିକ୍ଷକ ସାହେବ ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ମୁଖ୍ୟ ଅତିଥି, ପୁରାତନ ଛାତ୍ରସଂଘ ସଭାପତି ସୁରଜିତ ମିଶ୍ର ସମ୍ମାନିତ ଅତିଥି ଓ ସମ୍ପାଦକ ପ୍ରଦୀପ କୁମାର ନାଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟ ଓ ଜାତୀୟ ସ୍ତରକୁ ଚୟନ ହୋଇଥିବା ଜେଙ୍ଗାକୁମାର ଲାକ୍ରା, ଗୌରୀ ମୁଣ୍ଡା ଓ ସ୍ୱସ୍ତିକ ସ୍ୱରୁପ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତିଯୋଗିତାରେ ସବଜୁନିୟର ବାଳିକା ବର୍ଗରେ ସୁନାକ୍ଷୀ ମୁଣ୍ଡା, ବାଳକ ବର୍ଗରେ ମୁରଲି ସାହୁ, ଜୁନିୟର ବାଳିକା ବର୍ଗରେ ଖୁସି ବେଗମ ଓ ବାଳକ ବର୍ଗରେ ଅଂଶୁକୁମାର ରାଉତ, ସିନିୟର ବାଳିକା ବର୍ଗରେ ବର୍ଷା ପୋଢ ଓ ବାଳକ ବର୍ଗରେ ଶୁଭାଶିଷ ଖାଲକୋଙ୍କୁ ଚାମ୍ପିୟନ ଭାବେ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଭିସୁଟ୍‌ରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଉଦ୍‌ଯାପିତ

ବୁର୍ଲା : ବୁର୍ଲା ସ୍ଥିତ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଆୟୋଜିତ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୩ (ଏସ୍ଆଇଏଚ୍)ର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ଆୟୋଜିତ ସ୍ମାର୍ଟ ଇଣ୍ଡିଆ ହାକାଥନ୍‌ରେ କେନ୍ଦ୍ର ବୈଷୟିକ ଶିକ୍ଷା କାଉନ୍‌ସିଲ୍‌ର ମିଳିତ ସହଯୋଗରେ ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍ ଦ୍ୱାରା ଦେଶର ୪୮ଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ଜିଜି ଆଇଟି ଜବଲପୁରର ଟିମ୍ ଇମରସିଭ୍ ରିଅଲିଟି ପ୍ରଥମ ସ୍ଥାନ ଅଧିକାର କରି ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇଛନ୍ତି । ସେହିପରି ପ୍ରଥମ ରନର୍ସଅପ୍ ଭାବେ ଏମ୍ଏମ୍ୟୁ ଅମ୍ବାଲାର୍ ଟିମ୍ ଇଲାଇଟ୍ ବାଇଟ୍ ଏବଂ ଆଇଆଇଟି ଖଡ଼ଗପୁରର ଟିମ୍ କନ୍‌ସୋଲ୍ ଯୁଗ୍ମ ଭାବରେ ୭୫ ହଜାର ଅର୍ଥରାଶି ପାଇ ପୁରସ୍କୃତ



ହୋଇଛନ୍ତି । ଦ୍ୱିତୀୟ ରନର୍ସ ଅପ୍ ଭାବରେ କଲିକତାର ଟିଆଇଏନ୍‌ଟି କୋର୍ଡ ଏଲିକ୍ସିର୍ ଟି୧୮୭ ୫୦ ହଜାର ଟଙ୍କା ପାଇ ପୁରସ୍କୃତ ହୋଇଛନ୍ତି । ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ନେଲଇଫଟ୍ରର୍ ରିସର୍ଚ ଆଣ୍ଡ ଇନୋଭେସନ୍‌ର ମୁଖ୍ୟ ପ୍ରତାପ ସନାପ, ଭିସୁଟ୍‌ର କୁଳସଚିବ ପ୍ରଦୀପ ଡାଙ୍ଗ ଏବଂ ଭିସୁଟ୍‌ର ବିତ୍ତ ନିୟନ୍ତ୍ରକ ତୁଳାରାମ କଲେତ ଯୋଗ ଦେଇଥିଲେ । ପ୍ରକାଶ ଯେ, ଦେଶର ୪୮ଟି ନୋଡାଲ ସେଣ୍ଟରରେ ଏହି ସ୍ମାର୍ଟ ଇଣ୍ଡିଆ ହାକାଥନ ୨୦୨୩ର ଗ୍ରାଣ୍ଡ ଫିନାଲେ ଚାଲିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରୁ ୫ଟି ନୋଡାଲ ସେଣ୍ଟରର ଛାତ୍ରଛାତ୍ରୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କଥା ହୋଇଥିଲେ । ଏହି ୫ଟି ନୋଡାଲ ସେଣ୍ଟରରେ ବୁର୍ଲା ଭିସୁଟ୍ ମଧ ଥିଲା । ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ଆଗାମୀ ଦିନରେ ଏକ ବିକଶିତ ଭାରତ ଗଠନ କରିବା ଦିଗରେ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିବା ଭିସୁଟ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ହିଣ୍ଡାଲକୋ ଆଲୁମିନିୟମ୍ ଫଏଲ ପ୍ରକଳ୍ପ ପ୍ରତିଷ୍ଠା କରିବ

ଭୁବନେଶ୍ୱର: ହିଣ୍ଡାଲକୋ ପକ୍ଷରୁ ସମ୍ବଲପୁରରେ ୮ଶହ କୋଟି ଟଙ୍କା ବିନିଯୋଗ କରାଯାଇ ବ୍ୟାଟେରୀ ଗ୍ରେଡ୍ ଆଲୁମିନିୟମ ଫଏଲ ପ୍ରକଳ୍ପ କରାଯିବ । ଏହି ପ୍ରକଳ୍ପରୁ ବାର୍ଷିକ ପ୍ରାୟ ୨୫ ହଜାର ଟନ୍ ବ୍ୟାଟେରୀ ଫଏଲ ପ୍ରସ୍ତୁତ କରାଯିବ । ଭବିଷ୍ୟତରେ ବୃଦ୍ଧି ପାଇବାକୁ ଯାଉଥିବା ଇଲେକ୍ଟ୍ରିକ ଗାଡିର ବ୍ୟବହାର ନିମନ୍ତେ ଏହି ବ୍ୟାଟେରୀ ଫଏଲର ଆବଶ୍ୟକତା ବଢ଼ିବ । ୨୦୩୦ ସୁଦ୍ଧା ଭାରତରେ ୪୦ ହଜାର ଟନ୍ ବ୍ୟାଟେରୀ ଆବଶ୍ୟକତା ପଡିବ । ସମ୍ବଲପୁରରେ ହିଣ୍ଡାଲକୋର ବ୍ୟାଟେରୀ ଗ୍ରେଡ ଆଲୁମିନିୟମ ଫଏଲ ପ୍ରକଳ୍ପ ସହିତ ୨୫ ମେଗାୱାଟ ସୌରଶକ୍ତି ପ୍ରକଳ୍ପ ମଧ କରାଯିବ । ଏଥିରୁ ୪ଶହ କେଭି ସୌର ବିଦ୍ୟୁତ ନ୍ୟାସନାଲ ଗ୍ରୀଡକୁ ଦିଆଯିବ । ପୂର୍ବରୁ ହିଣ୍ଡାଲକୋ ମହରାଷ୍ଟ୍ରର ମଉଦାଠାରେ ବ୍ୟାଟେରୀ ଫଏଲ ପ୍ରକଳ୍ପ କରିଛି । ଓଡ଼ିଶାରେ ଏଭଳି ପ୍ରକଳ୍ପ ପ୍ରଥମ ଥର ପାଇଁ ହେବାକୁ ଯାଉଛି ।

## ଝାରସୁଗୁଡ଼ାରେ 'ନୂଆ ଓଡ଼ିଶା' ଫେଷ୍ଟ

ଝାରସୁଗୁଡ଼ା: ଝାରସୁଗୁଡାରେ ନୂଆ ଓଡ଼ିଶା ଫେଷ୍ଟ ଅନୁଷ୍ଠିତ ହୋଇଯାଇଛି । ଅମଲିପାଲି ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତ ବେହେରା, ହକି ଇଣ୍ଡିଆର ନିର୍ଦ୍ଦେଶକ ଦିଲ୍ଲୀପ ତିର୍କୀ ଉଦ୍‌ଘାଟନ କରିଥିଲେ । ଜିଲ୍ଲାର ବିଭିନ୍ନ କଲେଜରୁ ପ୍ରାୟ ୧୦ ହଜାର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଏହି ଯୁବ ଉତ୍ସବରେ ଝାରସୁଗୁଡା ବିଧାୟିକା ଦୀପାଳି ଦାସ, ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତିଙ୍କ ସହ ଜିଲ୍ଲାପାଳ, ଏସ୍‌ପି ସ୍ମିତ.ପି ପରମାର ଓ ଅନ୍ୟ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଅବୋଲୀ ସୁନୀଲ ନରୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଝାରସୁଗୁଡ଼ା ମାଟିରୁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଛି । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅସୀମା ପଣ୍ଡା, ଶାଶ୍ୱତ ଯୋଶୀ, ପ୍ରିନ୍ସ ଡ୍ୟାନ୍ସ ଗ୍ରୁପଙ୍କ ସମେତ ଝାରସୁଗୁଡାର ବିଭିନ୍ନ ମହବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଟାଟା ପାୱାର ପକ୍ଷରୁ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର: ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ 'ଓଃ ମାଇଁ ବିଉଟିଫୁଲ୍ ଓଡ଼ିଶା' ଫଟୋଗ୍ରାଫି ପ୍ରତିଯୋଗିତାର ବିଜେତାମାନଙ୍କୁ ଏକ ଉତ୍ସବରେ ସମ୍ମାନିତ କରାଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଳ୍ପ, ଏମ୍ଏସ୍ଏମ୍‌ଇ ଓ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଟା ପାୱାରର ଟ୍ରାନ୍ସମିଶନ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ ସଭାପତି ସଞ୍ଜୟ ବାଙ୍ଗା, ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ, ଟିପିଡବ୍ଲୁଓଡିଏଲ୍‌ର ସିଇଓ ଗଜାନନ କାଲେ, ଟିପିଏମ୍ଓଡିଏଲ୍‌ର ସିଇଓ ଭାସ୍କର ସରକାର ଏବଂ ଟିପିଏସ୍ଓଡିଏଲ୍‌ର ସିଇଓ ଅମିତ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

## ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଲ୍ଲାସ

ସମ୍ବଲପୁର : ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳେଇ ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁ, ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ, ଅନୀମାରାଣୀ କୁଜୁର, ନିବେଦିତା ସାହୁ, ବିଜୟଲକ୍ଷ୍ମୀ ନାୟକ, ଲୋପାମୁଦ୍ରା ସାହୁ ଓ ଜଟାଭୂଷଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବିଦ୍ୟାଳୟକୁ ଶିକ୍ଷାଦାନ କ୍ଷେତ୍ରରେ ସହଯୋଗ କରିଥିବା ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଟଯୋଶୀ, ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡଃ ସନ୍ତୋଷ କୁମାର ଦାଶ, ଅବସରପ୍ରାପ୍ତ ପ୍ରାଧାପକ କାମଦେବ ସାହୁ, ବରିଷ୍ଠ ନାଗରିକ ପ୍ରଦୀପ କୁମାର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଫକୀର ମୋହନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ପ୍ରଭୁଦତ୍ତ ସାହୁ, ପୁରାତନ ଛାତ୍ରସଂସଦର ସଭାପତି




ସୁଶାନ୍ତ କୁମାର ଦାଶ, ନୃତ୍ୟଗୁରୁ ଅସୀମ ପ୍ରଧାନ ତଥା ନାଟ୍ୟକାର ମାନସ କୁମାର ମିଶ୍ରଙ୍କୁ ବିଦ୍ୟାଳୟର ବିଭିନ୍ନ ପ୍ରକାରର ଉନ୍ନୟନ କ୍ଷେତ୍ରରେ ସହଯୋଗ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ଉତ୍କର୍ଷତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା । ଅସୀମ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ । ଅନୁବିଦା ଦାଶ, ପ୍ରଦୀପ କୁମାର ସାହୁ, ଅପର୍ଣ୍ଣା ପଣ୍ଡା ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପୁଷ୍ପାଞ୍ଜଳି ସାହୁ, ସୁଧାମୟୀ ପ୍ରଧାନ, ତନୟ ପ୍ରଧାନ, ଜୟନ୍ତୀ ହୋତା, ଅନ୍ନପୂର୍ଣ୍ଣା ପୂଜାରୀ, ସୁଷମା ଖଡ଼ିଆ, ଗାୟତ୍ରୀ ଭୋଇ, ପଙ୍କଜିନୀ ନାୟକ, ପଦ୍ମିନୀ ବଡ଼ପଣ୍ଡା, ଜ୍ଞାନେଶ୍ୱର କର ସହଯୋଗ କରିଥିଲେ । ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# କିଡିଜ୍ ଫାଉଣ୍ଡେସନ ସ୍କୁଲର ଷଷ୍ଠ ବାର୍ଷିକୋତ୍ସବ






ସମ୍ବଲପୁର: ସ୍ଥାନୀୟ ଶାନ୍ତିନଗର ଠାରେ ଥିବା କିଡିଜ୍ ଫାଉଣ୍ଡେସନ ସ୍କୁଲର ଷଷ୍ଠ ବାର୍ଷିକୋତ୍ସବ 'କିଡିଜ୍ ଫିଏଷ୍ଟା ୨୦୨୩-୨୪' ତପସ୍ୱିନୀ ହଲଠାରେ ମହାସମାରୋହରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପଶ୍ଚିମ ଓଡ଼ିଶାର ମୁଖ୍ୟ ରାଜଯୋଗିନୀ ପାର୍ବତୀ ଦିଦି ମୁଖ୍ୟଅତିଥି, ବ୍ରହ୍ମକୁମାରୀ ଦୀପା ଗୁପ୍ତା ଏବଂ ଟାଟା ପାୱାରର ମିଟରିଂ ଗ୍ରୁପର ମୁଖ୍ୟ ରୁପେଶ ଗୋଏଲ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅର୍ଚ୍ଚନା ମେହେରଙ୍କ ସଂଯୋଜନାରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ବିଦ୍ୟାଳୟର ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ପ୍ରତିଷ୍ଠାତା ରମେଶ ସାହା ଏବଂ ଅଧ୍ୟକ୍ଷା ଶ୍ରୀମତୀ ତମନ୍ନା ସାମନ୍ତରାୟ ମଧ୍ୟ ଯୋଗ ଦେଇଥିଲେ । ଚଳିତ ବର୍ଷ ପାଇଁ ଛାତ୍ର ମିଭାନ ହୋତା ଏବଂ ଛାତ୍ରୀ ଦିବ୍ୟାଂଶୀ ସାହୁ 'ମାଷ୍ଟର କିଡିଜ୍' ରୂପେ ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଉତ୍ସବରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଏମସିଏଲ୍‌ରେ ଯୋଗଦେଲେ ନୂଆଁ ସିଏମ୍‌ଡି

ବୁର୍ଲା: ଉଦୟ ଅନନ୍ତ କାଓଲେ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍‌ର ନୂତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ଶ୍ରୀ କାଓଲେ ଧାନବାଦ ସ୍ଥିତ ଭାରତ କୋକିଂ କୋଲ ଲିମିଟେଡ (ବିସିସିଏଲ)ରେ ନିର୍ଦ୍ଦେଶକ (ବୈଷୟିକ) ଭାବେ ଅବସ୍ଥାପିତ ହୋଇଥିଲେ ।



କୋଇଲା ଖଣି କ୍ଷେତ୍ରରେ ଶ୍ରୀ କାଓଲେଙ୍କର ୩୬ ବର୍ଷର ବିଶାଳ ବୈଷୟିକ ଓ ପ୍ରଶାସନିକ ଅଭିଜ୍ଞତା ରହିଛି । ଅଣ୍ଡରଗ୍ରାଉଣ୍ଡ ଖଣି କାର୍ଯ୍ୟକୁ ଚ୍ୟାଲେଞ୍ଜ କରିବା ସହ ଓପନକାଷ୍ଟ ଖଣିରେ କାମ କରିବାର ଅଭିଜ୍ଞତା ରହିଛି । ଶ୍ରୀ କାଓଲେ ୧୯୮୭ରେ କୋଲ୍ ଇଣ୍ଡିଆ ଲିମିଟେଡ୍‌ରେ ଜୁନିୟର ମାଇନିଂ ଇଞ୍ଜିନିୟର ଭାବରେ ଯୋଗ ଦେଇଥିଲେ ଏବଂ ୱେଷ୍ଟର୍ଣ୍ଣ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଡବ୍ଲ୍ୟୁସିଏଲ) ସମେତ ସାଉଥ୍ ଇଷ୍ଟର୍ଣ୍ଣ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଏସ୍‌ସିଏଲ୍)ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି । ସେ ନାଗପୁର ବିଶ୍ୱବିଦ୍ୟାଳୟରୁ ଖଣିରେ ସ୍ନାତକ ଡିଗ୍ରୀ ଏବଂ ପ୍ରଥମ ଶ୍ରେଣୀ ଖଣି ପରିଚାଳକ ଯୋଗ୍ୟତା ପ୍ରମାଣପତ୍ର ହାସଲ କରିଛନ୍ତି । ଶ୍ରୀ କାଓଲେ ନାଗପୁର ବିଶ୍ୱବିଦ୍ୟାଳୟରୁ ମାଷ୍ଟର ଅଫ୍ ବିଜନେସ୍ ଆଡମିନିଷ୍ଟ୍ରେସନ (ଏମବିଏ) ଏବଂ ଏଲଏଲବି ମଧ୍ୟ ହାସଲ କରିଛନ୍ତି । ଶ୍ରୀ କାଓଲେ ଯୋଗ ଦେବା ପରେ ଏମସିଏଲ୍ ଅଧୀନରେ ଥିବା ବିଭିନ୍ନ ଖଣି ପରିଦର୍ଶନ କରିଛନ୍ତି ।

# ରାଜବୈଦ୍ୟ ଗୋପୀନାଥଙ୍କ ଜୟନ୍ତୀ ସମାରୋହ



ସମ୍ବଲପୁର: ରାଜବୈଦ୍ୟ ସ୍ମୃତି ସମିତି ଓ ସିଦ୍ଧେଶ୍ୱରୀ ଧର୍ମ ସଂସଦର ମିଳିତ ଉଦ୍ୟମରେ ଗୋପୀନାଥ ଷଡ଼ଙ୍ଗୀଙ୍କ ୩୯୮ତମ ଜୟନ୍ତୀ ପାଳିତ ହୋଇଯାଇଛି । ସମିତିର ସଭାପତି ରଘୁ ନାଥ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ଦିଗାମ୍ବର ନାୟକ ମୁଖ୍ୟ ଅତିଥି, ଡାକ୍ତର ପ୍ରଭୁଦତ୍ତ ପ୍ରମୋଦ କୁମାର ମିଶ୍ର ମୁଖ୍ୟବକ୍ତା, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ମୃତି ସମିତିର ସମ୍ପାଦକ ଜନ୍ମେଜୟ ବାବୁ ପ୍ରାରମ୍ଭିକ ସୂଚନା ଜ୍ଞାପନ କରିଥିଲେ । ପ୍ରାରମ୍ଭରେ ସଂସଦର ସଭାପତି ଗୋପୀନାଥ ଷଡ଼ଙ୍ଗୀ ଗୀତ ଗାନ କରିଥିଲେ । ଏହି ଅବସରରେ ବିଶିଷ୍ଟ ବୈଦ୍ୟ ବିଷ୍ଣୁ ପ୍ରସାଦ ପଟେଲଙ୍କୁ 'ଚିକିତ୍ସା ମଞ୍ଜରୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ବିଶିଷ୍ଟ ପାଲା ଗାୟକ ଲକ୍ଷ୍ମଣ ପଟେଲ ଭଜନ ଗାନ କରିଥିଲେ । ସଂସଦର ମୁଖପତ୍ର ସିଦ୍ଧିପ୍ରଜ୍ଞା -୨୦୨୩-୨୪ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ବିଭୁତି ଭୂଷଣ ମିଶ୍ରଙ୍କ ପରିଚାଳନା ଓ ସବିତା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ୨୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ କବିତା ପାଠ କରିଥିଲେ । ଶେଷରେ ସଂସଦର ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ନେହଲତା ପତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଭୁବନେଶ୍ୱର : ବିଶିଷ୍ଟ ଶିକ୍ଷାବିତ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ପ୍ରଫୁଲ୍ଲ କୁମାର ପତିଙ୍କ ଧର୍ମପତ୍ନୀ ସମାଜସେବିକା ଶ୍ରୀମତୀ ସ୍ନେହଲତା ପତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶହୀଦ ନଗର କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଓଡିଶା ବିଜ୍ଞାନ ଏକାଡେମୀର ସଭାପତି ବିଭୂତି ଭୂଷଣ ମିଶ୍ର, ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ଯୁଗଳ କିଶୋର ମହାପାତ୍ର, ହିମାଚଳ ପ୍ରଦେଶର ପୂର୍ବତନ ଅତିରିକ୍ତ ଶାସନ ସଚିବ ସରୋଜ କୁମାର ଦାଶ, ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଅଶୋକ ପଣ୍ଡା, ବିଶିଷ୍ଟ ଆଧାତ୍ମିକ ପ୍ରବକ୍ତା ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ପ୍ରମୁଖ ସ୍ୱର୍ଗତା ପତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିରେ ସ୍ୱର୍ଗତା ପତିଙ୍କ ୪ ପୁତ୍ର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଡିଜିଏମ୍ ଈଶ୍ୱର ପ୍ରସାଦ ପତି, ଇଂ ରାଜକିଶୋର ପତି, ସେଲ୍‌ର ଅବସରପ୍ରାପ୍ତ କାର୍ମିକ ନିର୍ଦ୍ଦେଶକ ହିମାଂଶୁ ଶେଖର ପତି ଓ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଆଶିଷ ଭୂଷଣ ପତି, ପୁତୁରା ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ସମ୍ବଲପୁର ଫଟୋଗ୍ରାଫି ସଂଘର ବାର୍ଷିକୋତ୍ସବ



ସମ୍ବଲପୁର : ସମ୍ବଲପୁର ଫଟୋଗ୍ରାଫି ସଂଘର ବାର୍ଷିକୋତ୍ସବ ଶାଖାର ସଭାପତି ଡମ୍ବରୁଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମେଜର ଚିତ୍ତରଞ୍ଜନ ଦାସ ମୁଖ୍ୟଅତିଥି ଓ ବରିଷ୍ଠ ଫଟୋଗ୍ରାଫର ରାଜ କିଶୋର ଶତପଥି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସମ୍ବଲପୁର ଫଟୋଗ୍ରାଫର ସଂଘ ସମ୍ପାଦକ ସତ୍ୟଜିତ ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଅନ୍ୟାନ୍ୟମାନଙ୍କ ମଧ୍ୟରେ ତପନ ଆଶିଷ ପ୍ରଧାନ, ଅଶୋକ କୁମାର ପଟେଲ, ଚଞ୍ଚଳ ବହିଦାର, ଶମ୍ଭୁ ପାଢ଼ୀ, ଇକବାଲ, ସତ୍ୟସ୍ୱରୂପ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra